بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସଂଖ୍ୟା 37

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

10 ସେପ୍ଟେମ୍ବର 2020    10 ତବୁକ୍ 1399 ହି.ଶ    21 ମୋହରମ୍ 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَالَّذِیۡنَ اٰمَنُوۡا وَعَمِلُوا الصّٰلِحٰتِ سَنُدۡخِلُہُمۡ جَنّٰتٍ تَجۡرِیۡ مِنۡ تَحۡتِہَا الۡاَنۡہٰرُ خٰلِدِیۡنَ فِیۡہَاۤ اَبَدًا (النساء:58)

ଅନୁବାଦ- ଏବଂ ଯେଉଁଲୋକମାନେ ବିଶ୍ୱାସ ସ୍ଥାପନ କରିଛନ୍ତି ଓ ସତ୍‌କର୍ମ କରିଛନ୍ତି ଆମ୍ଭେ ସେମାନଙ୍କୁ ନିଶ୍ଚୟ ଏପରି ଉଦ୍ୟାନରେ ପ୍ରବେଶ କରାଇବୁ ଯାହାର ନିମ୍ନ ଦେଶରେ ଝରଣା ପ୍ରବାହିତ ହେଉଅଛି; ସେଠାରେ ସେମାନେ ସର୍ବଦା ରହିଥିବେ । *(ନିସା: ୫୮)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ:ବ:ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର ଅ:ବ:ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ:ବ:ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ଏ କଥା ସହୃଦୟତାର ସହିତ ମନେରଖ ଯେ ଯେମିତି କଳାପଥରଟି (ହଜ୍‌ରେ ଅସ୍‌ଓ୍ୱଦ୍) ବଇତୁଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ଗୃହ) ମଧ୍ୟରେ ରଖାଯାଇଅଛି, ସେହପରି ମନୁଷ୍ୟର ହୃଦୟ ତା' ଛାତି ଭିତରେ ରହିଛି ।**

**ପବିତ୍ର ମକ୍କା ଭିତରେ ଥିବା ମୂର୍ତୀଗୁଡ଼ିକର ମୁଳୋତ୍ପାଟନ ସେତେବେଳେ ହେଲା ଯେତେବେଳେ ଆମ ନବୀ କରିମ୍ ସଲଲ୍ଲାହୋ ଆଲୈହେ ଓ୍ୱ ସଲ୍ଲମ ଦଶ ହଜାର ପବିତ୍ର ସାଧୁମାନଙ୍କ ସହିତ ସେଠାରେ ପହଂଚିଥିଲେ ଓ ମକ୍କା ବିଜୟ ହୋଇସାରିଥିଲା ।**

## ହଜରତ ମସିହ ମଉଦ ଆ.ସଙ୍କ ନୀତି ବାଣୀ

ଏ କଥା ସହୃଦୟତାର ସହିତ ମନେରଖ ଯେ ଯେମିତି କଳାପଥରଟି (ହଜ୍‌ରେ ଅସ୍‌ଓ୍ୱଦ୍) ବଇତୁଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ଗୃହ) ମଧ୍ୟରେ ରଖାଯାଇଅଛି, ସେହପରି ମନୁଷ୍ୟର ହୃଦୟ ତା' ଛାତି ଭିତରେ ରହିଛି । ଏପରି ଏକ ସମୟ ଥିଲା ବଇତୁଲ୍ଲାଃ (ଅଲ୍ଲାଃଙ୍କ ଗୃହ) ମଧ୍ୟରେ ମଧ୍ୟ କୁଫ୍‌ଫାର (ଅବିଶ୍ୱାସୀ)ମାନେ ମୂର୍ତୀଗୁଡ଼ିକ ରଖିଥିଲେ । ସମ୍ଭବତଃ ବଇତୁଲ୍ଲାଃ ପାଇଁ ଏପରି ସମୟ ଆସିନଥାନ୍ତା କିନ୍ତୁ ନୁହେଁ ଅଲ୍ଲାଃ ତାହାକୁ ଏକ ଦୃଷ୍ଟାନ୍ତ ରୂପେ ରଖିଥିଲେ । ମଣିଷର ହୃଦୟ ହେଉଛି ହଜ୍‌ରେ ଅସ୍‌ଓ୍ୱଦ୍ (ଖାନା କାବା ଭିତରେ ଥିବା କଳା ପଥର) ସଦୃଶ ଏବଂ ତାହାର ଛାତି ବଇତୁଲ୍ଲାଃ ସଦୃଶ । ଅଲ୍ଲାଃଙ୍କ ଭାବନା ବ୍ୟତିତ ଅନ୍ୟ ସମସ୍ତ ବିଷୟ ସମ୍ବଳିତ ମୂର୍ତୀଗୁଡ଼ିକ ଏହି କାବା ଭିତରେ ରଖାଯାଇଥିଲା । ପବିତ୍ର ମକ୍କା ଭିତରେ ଥିବା ମୂର୍ତୀଗୁଡ଼ିକର ମୁଳୋତ୍ପାଟନ ସେତେବେଳେ ହେଲା ଯେତେବେଳେ ଆମ ନବୀ କରିମ୍ ସଲଲ୍ଲାହୋ ଆଲୈହେ ଓ୍ୱ ସଲ୍ଲମ ଦଶ ହଜାର ପବିତ୍ର ସାଧୁମାନଙ୍କ ସହିତ ସେଠାରେ ପହଂଚିଥିଲେ ଓ ମକ୍କା ବିଜୟ ହୋଇସାରିଥିଲା । ଏହି ଦଶ ହଜାର ସାହାବା (ସାଥି) ମାନଙ୍କୁ ପୂର୍ବରୁ ଅବତୀର୍ଣ୍ଣ ହୋଇଥିବା ଶାସ୍ତ୍ରଗୁଡ଼ିକରେ "ଦେବଦୂତ ରୂପେ" ସମ୍ବୋଧନ କରାଯାଇଅଛି । ବାସ୍ତବରେ ଏମାନଙ୍କର ବୈଭବ ଦେବଦୂତ ମାନଙ୍କ ପରି ଥିଲା । ମଣିଷର ଶକ୍ତି ( ଅଙ୍ଗ ପ୍ରତ୍ୟେଙ୍ଗ) ମଧ୍ୟ ଏକ ପ୍ରକାରେ ଦେବଦୂତମାନଙ୍କ ସଦୃଶ ହୋଇଥାଏ କାରଣ ଯେମିତି ଦେବଦୂତମାନଙ୍କର ଏ ବୈଭବ ରହିଛି ଯେ **ୟଫ୍‌ଅଲୁନା ମା ୟୁମରୁନ୍** (ଅଲ୍‌ନହଲ୍:୫୧) ଅର୍ଥାତ: ସେମାନଙ୍କୁ ଯାହା ଆଦେଶ କରାଯାଏ ତାହାକୁ ସେମାନେ ପାଳନ କରିଥାନ୍ତି । ସେହିପରି ମଣିଷର ଅଙ୍ଗ ପ୍ରତ୍ୟେଙ୍ଗର ଏ ବିଶେଷତ୍ୱ ଯେ ଯାହା କିଛି ସେମାନଙ୍କୁ ଆଦେଶ ଦିଆଯାଏ ତାହାକୁ ସେମାନେ ପାଳନ କରିଥାନ୍ତି । ସେହିପରି ମାନବର ସମସ୍ତ ଅଙ୍ଗଗୁଡ଼ିକ ମଣିଷର ଆଦେଶ ଅନୁସାରେ ପରିଚାଳିତ । ତେଣୁ ଏହାର ମୂଳୋତ୍ପାଟନ ନିମନ୍ତେ ଅଲ୍ଲାଃଙ୍କ ବ୍ୟତିତ ଅନ୍ୟ ସମସ୍ତ ମୂର୍ତୀ (ଏହାର ଅର୍ଥ ମୂର୍ତୀଗୁଡ଼ିକର) ମାନଙ୍କ ବିରୁଦ୍ଧରେ ଆକ୍ରମଣ କରାଯିବା ଆବଶ୍ୟକ ଥିଲା । ଏହି ସେନା ଆତ୍ମା ଶୁଦ୍ଧି ଦ୍ୱାରା ପ୍ରସ୍ତୁତ ହୋଇଥାଏ ଏବଂ ତାହାକୁ ବିଜୟ ପ୍ରାପ୍ତ ହୋଇଥାଏ ଯିଏ ନିଜକୁ ପବିତ୍ର ଓ ପରିଷ୍କାର ରଖିଥାଏ । ଯେପରି ପବିତ୍ର କୁର୍‌ଆନ୍‌ରେ କୁହାଯାଇଅଛି **କଦ୍ ଅଫ୍‌ଲହ୍ ମନ୍ ଜକ୍କାହା** (ଅଶ୍‌ଶମସ୍:୧୦) ଅର୍ଥାତ: ଯିଏ ଆତ୍ମାକୁ ପବିତ୍ର କରେ, ସେ ନିଜର ଲକ୍ଷ୍ୟ ହାସଲ କରେ । ହଦିସ୍ ଶରିଫ୍‌ରେ ଆସିଛି ଯେ ଯଦି ହୃଦୟ (ଆତ୍ମା)ର ସୁଧାର ହୋଇଯାଏ, ତେବେ ସମ୍ପୁର୍ଣ୍ଣ ଶରୀରର ସୁଧାର ହୋଇଯାଏ । ଏହା କେଡ଼େ ସତ୍ୟ କଥା ଯେ ଆଖି, କାନ, ହାତ, ଗୋଡ଼ ଏବଂ ଜିହ୍ୱା ଇତ୍ୟାଦି ଯେତେକ ଅଙ୍ଗପ୍ରତ୍ୟେଙ୍ଗ ଅଛନ୍ତି, ତାହାସବୁ ବାସ୍ତବରେ ହୃଦୟର ଫତଓ୍ୱା (ନିର୍ଦ୍ଦେଶ) ମୁତାବକ ପରିଚାଳିତ ହୁଅନ୍ତି । ଉଦାହରଣ ସ୍ୱରୁପ ଗୋଟିଏ ଭାବନା ମନଭିତରେ ସୃଷ୍ଟି ହୋଇଥାଏ ପୁଣି ତାହା ଯେଉଁ ଅଙ୍ଗ ସମ୍ବନ୍ଧରେ ଥାଏ, ସେହି ଅଙ୍ଗଟି ତତ୍‌କ୍ଷଣାତ୍ ତା ଉପରେ ପରିଚାଳିତ ହେବାପାଇଁ ପ୍ରସ୍ତୁତ ହୋଇଯାଏ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୭୨ ପ୍ରକାଶନ୨୦୧୮ କାଦିୟାନ)*

## ନବୀ ସ:ଆ:ସଙ୍କ ବାଣୀ
## ଫଜର ଓ ଇଶା ନମାଜର ବିଶେଷତ୍ୱ

✲ ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ନବୀ ସ:ଆ:ସ କହିଲେ:

ମୁନାଫିକ୍ (କପଟାଚାରୀ)ମାନଙ୍କ ଉପରେ ଫଜର ଓ ଇଶା ନମାଜଠାରୁ ଅଧିକା ଓଜନଦାର୍ ଅନ୍ୟ କୌଣସି ନମାଜ ନାହିଁ । ଯଦି ସେମାନେ ଏହା ଜାଣିଥାନ୍ତେ ଯେ ଏହି (ନମାଜରେ ଅର୍ଥାତ ଫଜର ଓ ଇଶା ନମାଜରେ) କି କି ପ୍ରକାରର ପୂଣ୍ୟ ରହିଛି, ତେବେ ସେମାନେ ଆଣ୍ଠେଇ ଆଣ୍ଠେଇ ଆସି ମଧ୍ୟ ଏହି ନମାଜରେ ଯୋଗ ଦିଅନ୍ତେ । ମୋ ମନରେ ଏକଥା ଆସୁଛି ଯେ ମୁଁ ମୁଅଜ୍ଜନ୍‌କୁ ନମାଜ ନିମନ୍ତେ ଇକାମତ୍ ତକ୍‌ଦୀ କରିବାକୁ କହନ୍ତି । ତା'ପରେ ମୁଁ ସେମାନଙ୍କ ଘରକୁ ଯାଇ ନିଆଁ ଲଗାଇ ଦିଅନ୍ତି, ଯେଉଁମାନେ ଏ ପର୍ଯ୍ୟନ୍ତ ନମାଜ ପଢ଼ିବାକୁ ଆସିନଥାନ୍ତି ।

***(ସହୀ ବୁଖାରୀ, ବାବ୍ ଫଜଲୁଲ୍ ଇଶା ଫିଲ୍ ଯମାଅତ୍)***

✲ ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ କହିଲେ;

ତୁମ୍ଭମାନଙ୍କ ମଧ୍ୟରେ ଯେ ପର୍ଯ୍ୟନ୍ତ ଜଣେ ମଧ୍ୟ ନମାଜ ପଢ଼ିବା ସ୍ଥାନରେ ଥାଏ, ସେ ପର୍ଯ୍ୟନ୍ତ ଫରିସ୍ତା (ଦେବଦୂତ)ମାନେ ତା' ଉପରେ ଆଶିଷ ପ୍ରେରଣ କରିଥାଆନ୍ତି । ସର୍ତ ଏହା କି ଏହି ଭଳି ଅବସ୍ଥା ତା'ର ଓ୍ୱଜୁ ନ ଭାଙ୍ଗିବା ପର୍ଯ୍ୟନ୍ତ ରହିଥାଏ । (ଫରିସ୍ତାମାନେ କହିଥାନ୍ତି)

ହେ ଅଲ୍ଲାଃ । ଆ ଉପରେ ଦୟା କର । ତୁମ୍ଭମାନଙ୍କ ମଧରେ ଜଣେ ସେ ପର୍ଯ୍ୟନ୍ତ ନମାଜର ଅବସ୍ଥାରେ ରହିଥାଏ ଯେ ପର୍ଯ୍ୟନ୍ତ ସେ ନମାଜ ଯୋଗୁଁ ସେଠାରେ ଅଟକି ରହିଥାଏ । ନମାଜ ବ୍ୟତିତ ଅନ୍ୟ କୌଣସି ବିଷୟ ତାକୁ ନିଜ ଘର ଲୋକମାନଙ୍କ ନିକଟକୁ ଫେରିବା ପାଇଁ ରୋକି ନଥିବ ।

***(ସହି ବୁଖାରୀ, ବାବ୍ ମନ୍ ଜଲସା ଫିଲ୍ ମସ୍‌ଜିଦସ୍ ୟନ୍‌ତଜିରୁସ୍ ସଲାତା ଓ୍ୱ ଫଜ୍‌ଲୁଲ୍ ମସାଜିଦ୍)***

## ମୁଁ ସର୍ବଦା ଏଥିରେ ବହୁତ ଆଶ୍ଚର୍ଯ୍ୟ ହେଉଥିଲି ଯେ କଣ କୌଣସି ମୁସଲମାନ ବି କବରକୁ ସଜ୍‌ଦାଃ କରିପାରେ ?

ଓ୍ୱଇଜ୍ ଅଖଜ୍‌ନା ମିସାକା ବନି ଇସ୍‌ରାଇଲା ଲା ତାବୁଦୁନା ଇଲ୍ଲଲ୍ଲାହା....... ସୁରତୁଲ୍ ବକ୍‌ରାଃର ଆୟତ ନଂ ୮୪ର ତଫ୍‌ସୀର୍ (ବ୍ୟାଖ୍ୟା)ରେ ସୟଦନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କହିଛନ୍ତି:

ଏହି ନିର୍ଦ୍ଦେଶ ଥିବା ସତ୍ତ୍ୱେ ମଧ୍ୟ ଇହୁଦୀମାନେ ଏହାର ପରବାଏ କରୁନଥିଲେ । ସେମାନଙ୍କର ବ୍ୟବହାର ନିଜ ପର ସମସ୍ତଙ୍କ ସହିତ ଖରାପ ହେଉଥିଲା । ଏପରିକି ସେମାନଙ୍କ ମଧ୍ୟରୁ ଲୋକେ ହଜ୍‌ରତ୍ ଉଜୈରଙ୍କୁ ଇବ୍‌ନୁଲ୍ଲାଃ (ଅର୍ଥାତ ଈଶ୍ୱରଙ୍କ ପୁତ୍ର) ରୂପେ ଅଭିହିତ କରିବାକୁ ଲାଗିଲେ । ଯେପରି ୟମନ୍ ଇଲାକାରେ ବସବାସ କରୁଥିବା ଇହୁଦୀ ସମ୍ପ୍ରଦାୟର ସୁଦୁକି ଫିର୍କା (ଗୋଷ୍ଠୀ) ସିର୍କ ଅର୍ଥାତ ଅନେଶ୍ୱରବାଦରେ ଲିପ୍ତ ହୋଇଯାଇଥିଲା ସେହିପରି କିଛି ଲୋକେ ନିଜ ଓ୍ୱଲେମାମାନଙ୍କର ପ୍ରତ୍ୟେକ ନିର୍ଦ୍ଦେଶକୁ ଐଶ୍ୱରୀୟ ବାଣୀ ରୂପେ ଗ୍ରହଣ କରିନେଉଥିଲେ ଓ ନିଜ ଧର୍ମପୁସ୍ତକରେ ଥିବା ନିର୍ଦ୍ଦେଶାବଳୀଗୁଡ଼ିକୁ ଅଣଦେଖା କରୁଥିଲେ । ଅନାଥ ଓ ଗରୀବ ଅସହାୟମାନଙ୍କ ସହିତ ସେମାନଙ୍କର ବ୍ୟବହାର ବହୁତ ଖରାପ ଥିଲା । ମାନବଜାତି ପ୍ରତି ସହାନୁଭୁତି ସେମାନଙ୍କ ଭିତରେ ନାମକୁ ମାତ୍ର ମଧ୍ୟ ନଥିଲା । ଉପାସନା କରିବାପାଇଁ ଓ ଜକାତ୍ ଦେବାପାଇଁ ମନବଳାଉ ନଥିଲେ । ଯେମିତି ଆଜିକାଲିର ମୁସଲମାନମାନେ ଗୋଟିଏ ପଟେ ତ ନିଜକୁ ମୁସଲମାନ ବୋଲାଉଛନ୍ତି ଓ ଅନ୍ୟପଟେ ସେହି ସମସ୍ତ କୁଚରିତ୍ର ସେମାନଙ୍କ ମଧ୍ୟରେ ମିଳୁଅଛି, ଯାହା ସମ୍ବନ୍ଧରେ ଖୁଦାତାଲା ଇହୁଦିମାନଙ୍କ ନିମନ୍ତେ ବର୍ଣ୍ଣନା କରିଛନ୍ତି । ଇହୁଦୀମାନଙ୍କଠାରୁ ତ କେବଳ ଏ ପ୍ରତିଶୃତି ନିଆଯାଇଥିଲା ଯେ ସେମାନେ ଖୁଦାଙ୍କ ବ୍ୟତିତ ଅନ୍ୟ କାହାର ଉପାସନା କରିବେ ନାହିଁ କିନ୍ତୁ ମୁସଲମାନମାନଙ୍କ ଉପରେ ଖୁଦାତାଲା ଏତେ କୃପା କରିଛନ୍ତି ଯେ ଇସ୍‌ଲାମ୍‌ର ମୂଳଦୁଆ ହିଁ ସେ **ଲା ଇଲାହା ଇଲ୍ଲଲ୍ଲାହା** ଉପରେ ରଖିଛି । ଅର୍ଥାତ: ଖୁଦାଙ୍କ ବ୍ୟତିତ କେହି ଉପାସନାର ଅଧିକାରି ନୁହନ୍ତି ଏବଂ ସେ ହେଉଛି ସର୍ବଶକ୍ତିମାନ । ସେ ସକଳ କାର୍ଯ୍ୟ ସ୍ୱୟଂ କରିପାରେ । ତାହାଙ୍କୁ ଅନ୍ୟ କାହାର ସାହାଯ୍ୟର ଆବଶ୍ୟକତା ନାହିଁ । କିନ୍ତୁ ଇସ୍‌ଲାମ୍‌ର ବିନ୍ନିଆଦ୍ **ଲା ଇଲାହା ଇଲ୍ଲଲ୍ଲାହା** ରଖାଯାଇଥିବା ସତ୍ତ୍ୱେ ମଧ୍ୟ ଏବେ ମୁସଲମାନମାନଙ୍କ ମଧ୍ୟରେ ଏତେ ମାତ୍ରାରେ ସିର୍କ ମିଳୁଅଛି ଯେ ଅନ୍ୟ ସମ୍ପ୍ରଦାୟରେ ଆ ତୂଳନାରେ ବହୁତ କମ୍ ମିଳିଥାଏ । ମୁସଲମାନମାନେ କବରଗୁଡ଼ିକୁ ବିନା କୌଣସି ଦ୍ୱିଧାରେ ଏପରି ସଜ୍‌ଦାଃ କରୁଛନ୍ତି ଯେପରି ସେମାନେ ଖୁଦାଙ୍କ ଆଗରେ ସଜ୍‌ଦାଃ କରୁଛନ୍ତି ଓ ଏଥିରେ ତିଳେମାତ୍ର ଫରକ ମଧ୍ୟ ନଜର ଆସୁନାହିଁ । ମତେ ସର୍ବଦା ଏକଥାରେ ଆଶ୍ଚର୍ଯ୍ୟ ଲାଗୁଥିଲା ଯେ କଣ କୌଣସି ମୁସଲମାନ ମଧ୍ୟ କବରକୁ ସଜ୍‌ଦାଃ କରିପାରେ ? ମୁଁ ବିନା ସାକ୍ଷ୍ୟରେ ଏହାକୁ ବିଶ୍ୱାସ କରିପାରୁନଥିଲି କିନ୍ତୁ ଏକଦା ଯେବେ ଆମେ କିଛି ଲୋକ ହିନ୍ଦୁସ୍ତାନରେ ଇସ୍‌ଲାମୀୟ ମଦର୍‌ସାଗୁଡ଼ିକୁ ଦେଖିବା ପାଇଁ ଗଲୁ, ଲକ୍ଷ୍ନୌଠାରେ ଥିବା ଫିରଙ୍ଗି ମହଲର ମଦର୍‌ସା ଦେଖି ମୋ ମନ ବହୁତ ଖୁସି ହୋଇଗଲା । ଭଲ ଭଲ, ଯୋଗ୍ୟ ଓ ଜ୍ଞାନୀ ଶିକ୍ଷକମାନେ ଥିଲେ । ବୁଦ୍ଧିମାନ ଓ ଚତୁର ଛାତ୍ର ସେଠାରେ ଥିଲେ କିନ୍ତୁ ସେହି ମଦ୍‌ରସା ଓ ଅନ୍ୟାନ୍ୟ ମଦର୍‌ସାଗୁଡ଼ିକୁ ଦେଖି ଯେତେବେଳେ ଆମେ ସନ୍ଧ୍ୟାବେଳକୁ ଆମ ରହିବାସ୍ଥଳୀକୁ ଲେଉଟୁଥିଲୁ, ସେତେବେଳେ ଏକ କବର୍ ସମ୍ମୁଖରେ ଯେଉଁ ବ୍ୟକ୍ତି ଜଣକ ସମ୍ପୁର୍ଣ୍ଣରୂପେ ସଜ୍‌ଦାଃ କରୁଥିଲା, ସେ ଫିରଙ୍ଗି ମହଲାରେ ଥିବା ମଦର୍‌ସାରେ ଶିକ୍ଷକ ଥିଲା । ମତେ ତାଙ୍କୁ ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗିଲା ଯେ ସେ ଜ୍ଞାନ ହାସଲ କରି ମଧ୍ୟ ସେହି ଜ୍ଞାନର କିଛି ସମ୍ମାନ କଲେ ନାହିଁ ଓ କବରକୁ ସଜ୍‌ଦାଃ କରିବାକୁ ଲାଗିଗଲେ । ମୁସଲମାନମାନଙ୍କୁ ଅଲ୍ଲାଃ ତାଲା ଏହି ଆୟତଗୁଡ଼ିକରେ ଏଥିପାଇଁ ଇହୁଦୀମାନଙ୍କର କାର୍ଯ୍ୟକଳାପ ବିଷୟରେ ଚର୍ଚ୍ଚା କରିଛନ୍ତି ଯେ ଏପରି ଏକ ସମୟ ଆସିବ ତୁମେମାନେ ମଧ୍ୟ ଏହିଭଳି କାର୍ଯ୍ୟ କରିବାକୁ ପଛାଇବ ନାହିଁ । ***(ତଫ୍‌ସୀର୍ କବୀର୍, ଖଣ୍ଡ-୨, ପୃ-୪, ମୁଦ୍ରଣ ୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

ଏବଂ ଏପରି କରିବା ଦ୍ୱାରା ବୟତ ହୋଇଯିବ ତାହା ନୁହେଁ କିନ୍ତୁ ସେ ଏପରି ଭାବରେ ତବ୍‌ଲିଗ୍ କରନ୍ତି ଓ ଶତାଦିକ ବ୍ୟକ୍ତିଙ୍କୁ ତବ୍‌ଲିଗ୍ କରି ଅହେମଦୀୟତରେ ଅର୍ନ୍ତଭୁକ୍ତ କରିଛନ୍ତି । ସେହିପରି କହିଲେ ଯେ, ମୋ ପୁସ୍ତକଗୁଡ଼ିକୁ ଛାଡ଼ି ହଜ୍‌ରତ୍ ମସିହ ମଉଦ୍ ଆ:ସ ଓ ତାଙ୍କ ଉତରାଧିକାରୀଙ୍କ ଅର୍ଥାତ ଖଲିଫାମାନଙ୍କ ତଥା ଯମାତ୍‌ର ପୁସ୍ତକଗୁଡ଼ିକର ଅଧ୍ୟୟନ କର । ପୁନଶ୍ଚ କୁହନ୍ତି ଯେ ଆମେ ଲବ୍‌ନାନ୍‌ରେ ପ୍ରାରମ୍ଭିକ ଅହେମଦୀ ବନ୍ଧୁମାନେ ସ୍ୱର୍ଗତଙ୍କ ମାଧ୍ୟମରେ ବୟତ କରିଥିଲୁ ଏବଂ ଆମେମାନେ ତାଙ୍କର ଉପକାରକୁ ସ୍ୱୀକାର କରୁଅଛୁ ଓ ତାଙ୍କର କୃତଜ୍ଞତା ଅର୍ପଣ କରୁଅଛୁ ତାଙ୍କ ପାଇଁ ଦୁଆ କରୁଅଛୁ । ମୋତଜ୍ ଫିଜକ୍ ସାହେବ ଯିଏ କି ସିରିୟାର ଅଧିବାସୀ ଅଟନ୍ତି ଏବଂ କାନାଡ଼ାରେ ବର୍ତମାନ ଅବସ୍ଥାନ କରୁଛନ୍ତି । ସେ କୁହନ୍ତି ମୁଁ ସିରିୟାରେ ଏକ ସ୍ଥାନୀୟ ଯମାତ୍‌ର ସଭାପତି ଥିଲି । ସେତେବେଳେ ଅନେକଥର ଜାବି ସାହେବ ସହିତ ମୋର ସାକ୍ଷାତ ହୋଇଛି ମୁଁ ଏହା ଅବଲୋକନ କରିଛି ଯେ ତାଙ୍କ ଆଗରେ ଯେତେବେଳେ ବି ଖିଲାଫତ୍‌ର ଚର୍ଚ୍ଚା ହେଉଥିଲା ସେତେବେଳେ ସେ ଅନେକଥର କହୁଥିଲେ ଯେ ଏହା କାମନା କରେ କି ମୋର ମୃତ୍ୟୁ ଖଲିଫାଙ୍କ ପାଦତଳେ ହେଉ ।

ମୀର୍ ଅଞ୍ଜୁମ୍ ପରଭେଜ୍ ସାହେବ୍ ଯିଏ କି ଆରବୀୟ ଡେ଼ସ୍କ ର ମୁବଲିଗ୍ ସିଲ୍‌ସିଲା, ଉଲ୍ଲେଖ କରନ୍ତି ଯେ ତାଙ୍କ ଆଗରେ ଯେତେବେଳେ ଖିଲାଫତ୍ ପ୍ରସଙ୍ଗରେ କୌଣସି କଥାବାର୍ତା ହେଉଥିଲା ସେତେବେଳେ ସେ ନିଜର ମୁଣ୍ଡ ନୁଆଁଇ ଦେଉଥିଲେ ଏବଂ ସର୍ବସମ୍ମୁଖରେ ଉକ୍ତ କଥାର ପରିପ୍ରକାଶ କରୁଥିଲେ ଯେ, ଯମାତ୍ ମତେ ଯାହା ବି ଆଦେଶ ଦେବ ମୁଁ ତାହାର ଅକ୍ଷରେ ଅକ୍ଷରେ ପାଳନ କରିବି । ୨୦୧୧ ମସିହାର ୟୁକେ ଜଲ୍‌ସା ସାଲାନାରେ ଯୋଗ ଦେଇଥିଲେ ଏବଂ କହୁଥିଲେ ଯେ, ମୋର ଏହି ଆକାଂକ୍ଷା ରହିଛି ଏହି ଆଶା ରହିଛି, ଅଭିଳାଷା ରହିଛି ଯେ ଏଠାରେ ଖଲିଫାଙ୍କ ଚରଣରେ ମୋର ପ୍ରାଣବାୟୁ ଉଡ଼ିଯାଉ ଏବଂ ମୋ ପାଇଁ ଏହାଠୁ ବଳି ବଡ଼ ଅନ୍ୟ କୌଣସି ପୁରସ୍କାର ହେବନାହିଁ । ଜାବି ସାହେବଙ୍କ ମାଧ୍ୟମରେ ଅନେକ ଲୋକମାନେ ଅହେମଦୀୟତ ଗ୍ରହଣ କରିଥିଲେ ଏବଂ ତନ୍ମଧ୍ୟରୁ ଯମାତ୍‌ର ଅଧିକାଂଶ ଲୋକ ଖଲିଫାଙ୍କ ପ୍ରତି ଆନୁଗତ୍ୟ ଓ ବିଶ୍ୱସ୍ତତା ପରିପ୍ରକାଶ କରନ୍ତି ଏବଂ ସେମାନେ ନୈଷ୍ଠିକ ଅହେମଦୀ ଅଛନ୍ତି । ଅନେକ ଅହେମଦୀମାନେ ମତେ ପତ୍ର ମଧ୍ୟ ଲେଖିଛନ୍ତି ଯେ ଆମେମାନେ ତାଙ୍କଠାରୁ ଅନେକ କିଛି କଥା ଶିଖିଲୁ । ତାଙ୍କରି ମାଧ୍ୟମରେ ଆମେ ଅହେମଦୀୟତ ଗ୍ରହଣ କଲୁ । ପୁନଶ୍ଚ ଜାବି ସାହେବ କୁହନ୍ତି ଯେ, ହଜ୍‌ରତ୍ ମୌଲାନା ଗୁଲାମ୍ ରସୁଲ୍ ସାହେବ ରାଜେକି ସ୍ୱୟମ ମତେ ସ୍ୱପ୍ନରେ କହିଥିଲେ ଯେ, ମୋର ହୟାତେ କୁଦୁସି ନାମକ ପୁସ୍ତକକୁ ତୁମେ ଅନୁବାଦ କର କାରଣ ଆରବ ବାସୀମାନେ ଏହା ଜାଣନ୍ତୁ ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବିମାନେ କିଭଳି ସ୍ତରରେ କିଭଳି ଆସନରେ ଅଧିଷ୍ଠିତ ଥିଲେ । ସୁତରାଂ ସେ ହୟାତେ କୁଦୁସି ପୁସ୍ତକର ଆରବୀ ଭାଷାରେ ଅନୁବାଦ ମଧ୍ୟ କରିଥିଲେ । ସେ ଯାହା ହେଉ ନା କାହିଁକି ଆରବୀ ତାଙ୍କର ମାତୃଭାଷା ଥିଲା ଏତଦ୍‌ବ୍ୟତିତ ସେ ଉର୍ଦ୍ଦୁଭାଷା ମଧ୍ୟ ଜାଣିଥିଲେ ଏବଂ ବେଶ୍ ଭଲ ଉର୍ଦ୍ଦୁ କହୁଥିଲେ । ଫାର୍ସୀ ଭାଷା ମଧ୍ୟ କହିବା ଜାଣିଥିଲେ, ସେହିପରି ସେ ଇଂରାଜୀ ଭାଷା ମଧ୍ୟ ଜାଣିଥିଲେ ।

୨୦୦୫ ମସିହା ଜଲ୍‌ସା ସାଲାନା କାଦିୟାନ୍‌ରେ ଥିଲି ସେତେବେଳେ ସେ ମୋ ସହିତ ସ୍ୱଳ୍ପ ସମୟ ପାଇଁ ସାକ୍ଷାତ କରିଥିଲେ ଓ ଅତ୍ୟନ୍ତ ବିନମ୍ରତା ପୂର୍ବକ ମତେ ସାକ୍ଷାତ କରିଥିଲେ । ପୁନଶ୍ଚ ୟୁକେ ଜଲ୍‌ସା ସାଲାନାରେ ତାଙ୍କ ସହିତ ମୋର ଭେଟ ହୋଇଥିଲା ଏଠାରେ ମଧ୍ୟ ସେ ଅତ୍ୟନ୍ତ ବିନମ୍ରତା ସହିତ ମତେ କହିଲେ ମୁଁ ଖିଲାଫତେ ଅହେମଦୀୟା ଉପରେ ପୂର୍ଣ୍ଣ ବିଶ୍ୱାସ ରଖୁଛି ମୁଁ ପୂର୍ଣ୍ଣ ଆଜ୍ଞାନୁବର୍ତିତା ଏବଂ ନୈଷ୍ଠିକତା ଖିଲାଫତ୍ ପ୍ରତି ପ୍ରଦର୍ଶନ କରୁଛି । ହଜୁର ମୋ ପାଇଁ ଦୁଆ କରନ୍ତୁ ଯେ, ମୁଁ ସର୍ବଦା ଯମାତ୍ ସହିତ ସଂଶ୍ଲିଷ୍ଟ ରହେ । ଅଲ୍ଲାଃ ତାଲା ତାଙ୍କୁ ଓ ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ବିଶ୍ୱସ୍ତତାର ସହିତ ଓ ଖିଲାଫତ୍ ସହିତ ସଲଗ୍ନ ରଖନ୍ତୁ ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ । ଯେପରି କି ମୁଁ କହିଲି ବର୍ତମାନ ଜୁମାପରେ ମୁଁ ଏ ସମସ୍ତ ମୃତକଙ୍କର ଯନାଜାଃ ଗାଏବ ପାଠ କରିବି ।

⌘⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ସହିତ ମିଶାନ୍ତୁ । ପୁଣି ହଜୁର କହିଲେ, ସ୍ଥାନିୟ ସ୍ପୋର୍ଟସ ପ୍ରୋଗ୍ରାମ ଗୁଡ଼ିକରେ ଇତ୍‌ଫାଲ୍ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ଯେ ସେମାନେ ସେଥିରେ ସାମିଲ ହେବେ । କେବଳ ଟିଭି ମାଧ୍ୟମରେ ନ ଦେଖନ୍ତୁ ବରଂ ଖେଳ ପ୍ରୋଗ୍ରାମ ଗୁଡ଼ିକରେ ନିଜେ ସାମିଲ ମଧ୍ୟ ହୁଅନ୍ତୁ ।

ମଜ୍‌ଲିସ୍ ଆମେଲାର ଜଣେ ସଦସ୍ୟ କହିଲେ ଯେ, ଆମ ଘରଠାରୁ ନମାଜ ସେଂଟର ହେଉଛି ୧୩ କିମି. ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଗୋଟିଏ ବେଳା ସେଠାକୁ ଯାଇ ନମାଜ ପାଠ କରିପାରିବେ । ପୁଣି କହିଲେ ମସ୍‌ଜିଦ୍ ଥରେ ଯିବାପାଇଁ ଯେତିକି ପେଟ୍ରୋଲ ଖର୍ଚ୍ଚ ହେଉଛି । ସେତିକି ଅର୍ଥ ପେଟ୍ରୋଲ ପାଇଁ ରଖିଦିଅନ୍ତୁ । ମାସକରେ ତିରିଶ ଦିନ ଓ ପାଂଚଟି ଜୁମାକୁ ହିସାବ କରନ୍ତୁ । ଏହି ପରି ଚାଳିଶି ଦିନରେ ୨୨୫ ୟୁରୋ ହୋଇଯିବ । ଖୁଦାମ୍ ପିଲାମାନଙ୍କ ପାଇଁ ମସ୍‌ଜିଦ୍ ଯିବାପାଇଁ ଏହି ଅର୍ଥକୁ ବାହାର କରନ୍ତୁ । ବାହାରେ ବର୍ଗର ଖାଆନ୍ତୁ ନାହିଁ ବରଂ ପତ୍ନୀଙ୍କୁ କୁହନ୍ତୁ ଯେ ସେ ଘରେ ଖାଇବା ବନାନ୍ତୁ । ଏହା ଦ୍ୱାରା କିଛି ଅର୍ଥ ସଂଚୟ ହେବ ଫଳତଃ ତାକୁ ନମାଜ ପଢ଼ିବାପାଇଁ ମସ୍‌ଜିଦ୍ ଯିବା ନିମନ୍ତେ ଖର୍ଚ୍ଚ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ନିଜ ମନରୁ ଏହି ଫତୁହା ନିଅନ୍ତୁ ଯେ ଘର କେତେ ନିକଟରେ ଅଛି । ମସ୍‌ଜିଦ୍ ଏବଂ ନମାଜ ସେଂଟର ନ ଯାଇ ଘରେ ରହି ନମାଜ ପଢ଼ିବା କେତେ ଉଚିତ ବା ଅନୁଚିତ ।

ମୁହତମିମ୍ ତବ୍‌ଲିଗ୍‌ଙ୍କୁ ହଜୁର ଅନଓ୍ୱର ଅ:ବ:ଅ ହିଦାୟତ୍ ଦେଇ କହିଲେ ଯେ, ପ୍ରତ୍ୟେକ ମଜ୍‌ଲିସ୍‌କୁ ଏ ଟାର୍ଗେଟ ଦିଅନ୍ତୁ ଯେ, ଏତେ ପ୍ରତିଶତ ଲୋକଙ୍କ ନିକଟରେ ଯାଇ ଯମାତ୍‌ର ପରିଚୟ ଦେବେ ଅତିକମ୍‌ରେ ୫୦ ପ୍ରତିଶତ ଲୋକମାନଙ୍କୁ ଏ ବାର୍ତା ପହଂଚି ଯିବା ଉଚିତ ଯେ, ଯମାତ୍ କଣ ଜିନିଷ ।

ହିସାବ ପତ୍ର ରଖିବା ଓ ଅଡ଼ିଟ ସମ୍ବନ୍ଧରେ ଥିବା ବିଭାଗ ହଜୁର ଅନଓ୍ୱର ଅ:ବ:ଅଙ୍କ ଠାରୁ ମାର୍ଗଦର୍ଶନ ଚାହିଁଲେ ଯେ, ଇମେଲ୍ ଜରିଆରେ ସଦର୍ ଖୁଦାମୁଲ୍ ଅହେମଦୀୟାଙ୍କ ତରଫରୁ ଖର୍ଚ୍ଚ କରିବାର ମଞ୍ଜୁରି ଅଥବା କୌଣସି ବିଲ୍ ର ମଞ୍ଜୁରି ବିଷୟରେ ସୁଚନା ମିଳିଯାଉଛି । କିନ୍ତୁ ଏହା କେବଳ ଗୋଟିଏ ବାର୍ତା ରୂପରେ ମିଳୁଛି । ଏଥିରେ ସଦର୍ ସାହେବଙ୍କର ନାମ ତ ରହୁଛି କିନ୍ତୁ ଦସ୍ତଖତ ରହୁନାହିଁ । ଯେବେ କି ଅଡ଼ିଟ୍‌ର ହିସାବରେ ଦସ୍ତଖତ ରହିବା ଜରୁରୀ ଅଟେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଦସ୍ତଖତ ରହିବା ଉଚିତ । ଏହା ଅତ୍ୟନ୍ତ ଜରୁରୀ । ଜଣେ ସଦସ୍ୟ ପଚାରିଲେ ଯେ, ବେଳେବେଳେ ସ୍କୁଲ୍‌ରେ ପିଲାମାନଙ୍କର ଜନ୍ମଦିବସ ପାଳନ ହେଉଅଛି । ଅନ୍ୟ ପିଲାମାନଙ୍କୁ କୁହାଯାଉଛି ଯେ, କେକ୍ ତିଆରି କରି ଆଣ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯଦି ସ୍କୁଲ୍‌ର ଶିକ୍ଷକମାନେ କହୁଛନ୍ତି ତେବେ ନେଇଯାଅ ଏଥିରେ କୌଣସି ସରିୟତି ସମସ୍ୟା ନାହିଁ । ଆପଣ ନିଜ ପିଲାମାନଙ୍କୁ ଘରେ ଏକଥା ବତାଅ ଯେ, ଆଜି ସ୍କୁଲ୍‌ରେ ଏହିଭଳି ହୋଇଛି ତେଣୁ ଏହି ଅବସରରେ ତୁମେମାନେ ଆଜି ଗରୀବମାନଙ୍କୁ କିଛି ଦାନ କର ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯଦି ଆପଣଙ୍କ ଘରେ ତିନି ଚାରିଜଣ ପିଲା ଅଛନ୍ତି ତେବେ ପିଲାମାନେ ଆପୋଷରେ କେକ୍ ଖାଇଲେ କୌଣସି ଅସୁବିଧା ନାହିଁ । ଅସଲ କଥା ହେଉଛି ଏହା ଯେ, ଏଥିପାଇଁ ବିଶେଷ ବ୍ୟବସ୍ଥା କରି ଅନ୍ୟମାନଙ୍କୁ ଡ଼ାକନ୍ତୁ ନାହିଁ, ଉପହାର ଆଣନ୍ତୁ ନାହିଁ ଏବଂ ଏଥିପାଇଁ କୌଣସି ପ୍ରୋଗ୍ରମ କରାନଯାଉ ।

ଆଉ ଜଣେ ସଦସ୍ୟ କହିଲେ ଯେ, ଯଦି ଅନ୍ୟ କୌଣସି ଅଣମୁସ୍‌ଲିମ୍ ପରିବାର ନିଜ ପିଲାଙ୍କର ଏହିଭଳି ପ୍ରୋଗ୍ରାମରେ ଆମକୁ ଡ଼ାକିବେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ତେବେ ଯାଅ କାରଣ ଏହା ହେଉଛି ସେମାନଙ୍କର ପ୍ରଥା ତେଣୁ ତାଙ୍କ ପିଲାମାନଙ୍କୁ କିଛି ଉପହାର ଦେବାକୁ ଚାହୁଁଛ ତେବେ ଦେଇଦିଅ ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯଦି ସ୍କୁଲ୍‌ରେ ଏବଂ କ୍ଲାସରେ ଏହିଭଳି କିଛି ପ୍ରୋଗ୍ରାମ ଅନୁଷ୍ଠିତ ହେଉଛି ତେବେ ସେମାନଙ୍କୁ ଏକଥା ବତାଇବା ଉଚିତ ଯେ ଏହି ଅବସରରେ ଗରୀବମାନଙ୍କୁ କିଛି ଦାନ କରିବା ଉଚିତ । ଅନେକ ଗରିବ ଲୋକ ଏପରି ଅଛନ୍ତି ଯାହାଙ୍କ ନିକଟରେ ପିଇବା ପାଣି ମଧ୍ୟ ନାହିଁ ଓ ଶିକ୍ଷା ମଧ୍ୟ ନାହିଁ । ତେଣୁ ଆମେ ଚାହୁଁଛୁ ଯେ, ସେମାନଙ୍କ ପାଇଁ ଚାରିଟିରେ କିଛି ଦିଅନ୍ତୁ ଫଳତଃ ସେମାନଙ୍କୁ ସାହାଯ୍ୟ ହୋଇପାରିବ । ଏହି ଅବସରରେ ଦୁଆ କରନ୍ତୁ ଯେ, ଆମେ ସମାଜର ଉତମ ଅଂଶ ବିଶେଷ ହୋଇପାରିବା ଓ ସମାଜର ସେବା କରିପାରିବା ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହେବାର ଅସଲ ଉଦ୍ଦେଶ୍ୟ ହେଉଛି ଏହା କି ଲୋକମାନେ ସାଂସାରୀକ ଅପବିତ୍ରତାରୁ ମୁକୁଳିବେ ଓ ଅସଲ ପବିତ୍ରତାକୁ ଆପଣେଇବେ ଏବଂ ଫରିସ୍ତା (ଦେବଦୂତ)ଙ୍କ ଭଳି ଜୀବନଯାପନ କରିବେ ।

''ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦେହାନ୍ତରେ ଏହା ପ୍ରଥମ ଇଜ୍‌ମାଆ (ସାମୁହିକ ସନ୍ମତି) ଥିଲା ଏବଂ ଏଥିରେ ହଜ୍‌ରତ୍ ମସିହ୍‌ଙ୍କ ଦେହାନ୍ତ ହେବାର ସମ୍ପୁର୍ଣ୍ଣରୂପେ ଫଇସଲା ହୋଇଯାଇଥିଲା ।''

''ମୋ ଆସିବାର ଦୁଇଟି ଉଦ୍ଦେଶ୍ୟ, ମୁସଲମାନମାନଙ୍କ ବାସ୍ତବିକ ଧର୍ମପରାୟଣତା ଓ ପବିତ୍ରତାରେ ପ୍ରତିଷ୍ଠିତ ହେବେ ଓ ଦ୍ୱିତୀୟ ଉଦ୍ଦେଶ୍ୟ ହେଉଛି ଇସାଇମାନଙ୍କର କୃଶଭଙ୍ଗ ହେବ ଫଳତଃ ସେମାନଙ୍କର ମନଗଢ଼ା ଈଶ୍ୱର ନଜର ଆସିବ ନାହିଁ ।

ଅହେମଦୀମାନେ ଖାତମୁନ୍ ନବିୟିନ୍‌ର ପଦବୀ/ସ୍ଥାନ ସମ୍ବନ୍ଧରେ ସମସ୍ତଙ୍କଠାରୁ ଅଧିକା ଜ୍ଞାନ ରଖିଛନ୍ତି ଏବଂ ଏହି ଜ୍ଞାନ ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପ୍ରଦାନ କରିଛନ୍ତି ।

ମୁଁ ସତ୍ୟ କହୁଅଛି ଓ ଈଶ୍ୱରଙ୍କ ରାଣଖାଇ କହୁଅଛି ଯେ ମୁଁ ଓ ମୋର ଯମାତ୍ ମୁସଲମାନ ଅଟନ୍ତି, ମୁଁ ଇସ୍‌ଲାମ୍ ବ୍ୟତିରକେ ଏକ ପାଦ ମଧ୍ୟ ରଖିବାକୁ ଧ୍ୱଂସର କାରଣ ବୋଲି ବିଶ୍ୱାସ ରଖିଛି । ମୋର ଏ ବିଶ୍ୱାସ ଯେ ଯେତେ ମାତ୍ରାରେ ଜଣେ ବ୍ୟକ୍ତି ଅଲ୍ଲାଃ କୃପା, ଆଶିଷ ଓ ଈଶ୍ୱରଙ୍କ ନିକଟବର୍ତୀ ହୋଇପାରେ, ତାହା କେବଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ଅନୁସରଣ ଓ ସଚ୍ଚା ପ୍ରେମ ଦ୍ୱାରା ପ୍ରାପ୍ତ ହୋଇପାରେ । ଅନ୍ୟଥା ନୁହେଁ ।

## ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀର ଆଲୋକରେ ହଜୁର ଆ:ସଙ୍କ ଆବିର୍ଭୁତ ହେବାର ଉଦ୍ଦେଶ୍ୟର ବର୍ଣ୍ଣନା

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍ତ: ୩୧ ଜୁଲାଇ ୨୦୨୦ ଅନୁଯାୟୀ ୩୧ ୱଫା ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଆଜି ସକାଳେ ଆମେମାନେ ଇଦ୍ ନମାଜ ପଢ଼ିଛେ ଏବଂ ଆଜି ଜୁମା ଦିନ ମଧ୍ୟ ଯେତେବେଳେ ଇଦ୍ ଓ ଜୁମା ଗୋଟିଏ ଦିନରେ ଏକତ୍ରିତ ହୋଇଯାଏ ସେତେବେଳେ ହଜୁର ସ:ଆ:ସଙ୍କ ଏହି ଆଦେଶ ଉଲ୍ଲେଖ ରହିଛି ଯେ, ଯେଉଁ ଲୋକମାନେ ଜୁମା ବଦଳରେ ଜୋହର୍ ନମାଜ ପଢ଼ିବାକୁ ଚାହୁଁଛନ୍ତି ସେମାନେ ଜୋହର୍ ନମାଜକୁ ମଧ୍ୟ ପଢ଼ିପାରିବେ । ସେମାନଙ୍କୁ ଏଥି ନିମନ୍ତେ ଅନୁମତି ରହିଛି କିନ୍ତୁ ତତ୍‌ସହିତ ଏକ ଅବସରରେ ଆଁ ହଜ୍‌ରତ୍ ସ:ଆ:ସ ଏହି ନିର୍ଦ୍ଦେଶ ମଧ୍ୟ ଦେଇଥିଲେ ଯେ ସେ ଯାହା ହେଉ ନା କାହିଁକି ଆମେ ତ ଜୁମା ନମାଜ ପଢ଼ିବୁ ଅର୍ଥାତ ଜୋହର ନମାଜ ପଢ଼ିବା ପରିବର୍ତେ ଜୁମା ପଢ଼ିବୁ । ତେଣୁ ହଜୁର ସ:ଆ:ସ ଇଦ୍ ଦିନ ଜୁମା ନମାଜ ପଢ଼ିଥିଲେ । ***(ସୁନନେ ଇବ୍‌ନେ ମାଜାଃ କିତାବ୍ ଇକାମତୁସ୍ ସଲାତା......... ହଦିସ୍ ନଂ- ୧୩୧୦, ୧୩୧୧, ୧୩୧୨)***

ଏଣୁ ମୁଁ ସମ୍ମାନୀୟ ଅମୀର୍ ସାହେବଙ୍କୁ ଉକ୍ତ ସୁତ୍ରରୁ ଏହା କହିଥିଲି ଯେ, ଯେଉଁ ବ୍ୟକ୍ତିମାନେ ଜୋହର୍ ନମାଜ ପଢ଼ିବାକୁ ଇଚ୍ଛୁକ ସେମାନେ ଜୋହର୍ ନମାଜ ପଢ଼ନ୍ତୁ ଏବଂ ଯେଉଁମାନେ ଜୁମା ନମାଜ ପଢ଼ିବାକୁ ଇଚ୍ଛୁକ ସେମାନେ ଜୁମା ନମାଜ ପଢ଼ନ୍ତୁ । ଅଧିକନ୍ତୁ କହିବାକୁ ଗଲେ ଆଜି କାଲିର ପରିସ୍ଥିତିକୁ ଆଖି ଆଗରେ ରଖି ଅଧକ ସଂଖ୍ୟକ ନମାଜ ପାଠକାରୀମାନଙ୍କୁ ମସ୍‌ଜିଦ୍‌ରେ ଏକତ୍ରିତ ହେବାକୁ ବାରଣ କରାଯାଇଛି । ଯଦି ଘରେ ରହୁଛନ୍ତି ଏବଂ ଘରେ ଯଦି ବେକାର ବସିଛନ୍ତି ତେବେ ଏହିପରି ଭାବରେ ନମାଜ ପଢ଼ିପାରିବେ, ସେଥିରେ କୌଣସି ପ୍ରକାର ଅସୁବିଧା ନାହିଁ ଏବଂ ଯେଉଁମାନଙ୍କର କର୍ମବ୍ୟସ୍ତତା ରହିଛି ସେମାନେ ଜୋହର୍ ନମାଜ ପଢ଼ିପାରିବେ । କିନ୍ତୁ ଆଜି ଆମେମାନେ ଏଠାରେ ହଜୁର ସ:ଆ:ସଙ୍କ ପରମ୍ପରାକୁ ବଜାୟ ରଖିବାପାଇଁ ଜୁମା ନମାଜ ପଢ଼ିବା ।

ଏହିପରି ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ସମୟରେ କାଳରେ ମଧ୍ୟ ଏକଦା ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଜୁମା ଦିନରେ ଆସିଥିଲା । ସେତେବେଳେ ବିଭିନ୍ନ ଲୋକମାନେ ବିଭିନ୍ନ ପ୍ରକାର ଯୁକ୍ତି ବାଢ଼ିଥିଲେ ଏବଂ ପ୍ରମାଣ ମଧ୍ୟ ଦେଇଥିଲେ ଯେ ଜୋହର୍ ନମାଜ ପଢ଼ିବା ଉଚିତ ନୁହେଁ, ଜୁମା ପଢ଼ିବା ଅନୁଚିତ । ଏହା ପ୍ରତିଉତରରେ ହଜୁର ର:ଅ ଅତ୍ୟନ୍ତ ସୁନ୍ଦର ଉତରଟିଏ ଦେଇଥିଲେ ଯେ ଯେଉଁ ଲୋକମାନେ ଜୋହର୍ ନମାଜ ପଢ଼ିବାକୁ ଜୋର୍ ଦେଉଛନ୍ତି ଆମେ ସେମାନଙ୍କୁ କହିଦେଉଛୁ ଯେ, ଆମ ଭଗବାନ କେତେ ଦୟାଳୁ ଯେ ସେ ଆମମାନଙ୍କୁ ଦୁଇ ଦୁଇଟି ଇଦ୍ ପାଳନ କରିବାକୁ ସୌଭାଗ୍ୟ ପ୍ରଦାନ କରିଛନ୍ତି । ସୁତରାଂ ଯେଉଁ ବ୍ୟକ୍ତିଙ୍କୁ ଦୁଇ ଦୁଇଟି ଘିଅ ଲଗାଯାଇଥିବା ସୁସ୍ୱାଦ ରୋଟି ମିଳେ ତେବେ ଯଦି ତା ପକ୍ଷରେ କୌଣସି ବାଧ୍ୟବାଧକତା ନଥିବ ତାହେଲେ ସେ ଦ୍ୱିତୀୟ ରୁଟି ଖାଇବାକୁ କାହିଁକି ବା ମନା କରିବ । ସେ ପରପ୍ରେକ୍ଷୀରେ ସେ ତ ଉଭୟ ରୁଟିକୁ ହିଁ ଗ୍ରହଣ କରିବ । ତେଣୁ ହଜୁର ସ:ଆ:ସ ଏଥିପାଇଁ ଏହା ଅନୁମତି ପ୍ରଦାନ କରିଛନ୍ତି ଯେ ଯଦି କୌଣସି ବ୍ୟକ୍ତି ବିବଶ ହୋଇ ଜୁମା ନମାଜ ନ ପଢ଼ି ଜୋହର୍ ନମାଜ ପଢ଼ିନିଏ ତେବେ ଅନ୍ୟ ବ୍ୟକ୍ତି ପକ୍ଷରେ ଏହା ଉଚିତ ନୁହଁ ଯେ ସେ ଜୋହର୍ ନମାଜ ପାଠକାରୀକୁ ପରିହାସ କରୁ ଏବଂ କେତେକ ଲୋକ ଏପରି ଅଛନ୍ତି ଯେଉଁମାନଙ୍କ ପକ୍ଷରେ ଉଭୟ ନମାଜ (ଅର୍ଥାତ ନମାଜ ଇଦ୍ ଓ ଜୁମା) । ତେବେ ଅନ୍ୟମାନେ ସେହି ଜୁମା ନମାଜ ପାଠକାରୀ ବ୍ୟକ୍ତିକୁ ବ୍ୟଙ୍ଗ ବିଦ୍ରୁପ କରନ୍ତୁ ନାହିଁ ଯେ, ସେ ନମାଜ ଜୋହର୍ ନ ପଢ଼ି ଜୁମା ନମାଜ ପଢ଼ିଲେ । ସେ ଯାହା ହେଉ ନା କାହିଁକି, ଉଭୟ ପ୍ରକାରର ଅନୁମତି ରହିଛି କିନ୍ତୁ ହଜୁର ସ:ଆ:ସଙ୍କର ବ୍ୟବହାରିକ ପ୍ରଣାଳିକୁ ଲକ୍ଷ କଲେ ଏହା ପ୍ରମାଣ ସିଦ୍ଧ ହୋଇଥାଏ ଯେ, ହଜୁର ଜୁମା ନମାଜ ପଢ଼ିଛନ୍ତି ତେଣୁ ଆମେ ଜୁମା ନମାଜ ପଢ଼ିବୁ । ***(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୨, ପୃ-୨୦୮-୨୧୦, ଖୁତ୍‌ବା ଇଦୁଲ ଜୁହା ପ୍ରଦତ: ୧୧ ଫେବୃୟାରୀ ୧୯୩୮ ମସିହା)***

ସେ ଯାହା ହେଉ ନା କାହିଁକି ଯେପରି ମୁଁ କହିଲି ଯେ ଆମେ ତ ଆଜି ଜୁମା ପଢ଼ିବା କିନ୍ତୁ ମୁଁ ଆଜି ସଂକ୍ଷିପ୍ତ ଖୁତ୍‌ବା ଦେବି କାରଣ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କେତେକ ସନ୍ଦର୍ଭକୁ ଆଜିର ଖୁତ୍‌ବାରେ ସ୍ଥାନିତ କରିଛି । ଯେଉଁ ସନ୍ଦର୍ଭରେ ହଜରତ ମସିହ ମଉଦ୍ ଆ:ସଙ୍କ ନିଜ ଆବିର୍ଭାବ ହେବାର ଉଦ୍ଦେଶ୍ୟକୁ ବର୍ଣ୍ଣିତ କରିଛନ୍ତି ନିଜ ଯମାତ୍‌କୁ ହଜୁର ସ:ଆ:ସଙ୍କୁ ଖାତ୍‌ମୁନ୍ ନବିଇନ୍ ବୋଲି ଗ୍ରହଣ କରିବା ଏବଂ ପ୍ରକୃତ ପକ୍ଷେ ଜଣେ ଜୀବିତ ନବୀ ହେବା ସପକ୍ଷରେ ମଧ୍ୟ ଅତ୍ୟନ୍ତ ପରିଚିତ ସନ୍ଦର୍ଭ ବର୍ଣ୍ଣନା କରିଛନ୍ତି ଏବଂ ହଜୁର ସ:ଆ:ସଙ୍କ ମର୍ଯ୍ୟାଦା ଓ ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ଆମ ଯମାତ୍‌ର ବିରୋଧି ଶତୃମାନେ ନାନାପ୍ରକାର ଆପତି ଓ ଅଭିଯୋଗ ଲଗାଇଥାନ୍ତି ଯେ ଆମେମାନେ ନଉଜୁବିଲ୍ଲା ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କୁ ଗ୍ରହଣ କରି ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମର୍ଯ୍ୟାଦା ଓ ସମ୍ମାନକୁ କ୍ଷୁର୍ଣ୍ଣ କରିଛୁ । ଆମର ବିରୋଧ ଶତୃମାନେ ପାକିସ୍ତାନର ସଂସଦରେ ଯମାତ୍ ଅହ୍‌ମଦୀୟା ବିରୋଧରେ ଆଇନ ପ୍ରଣୟନ କରାଇ ଅତ୍ୟନ୍ତ ଗର୍ବ ଅନୁଭବ କରୁଛନ୍ତି ଯେ ଦେଖନ୍ତୁ ଆମେମାନେ ହଜୁର ସ:ଆ:ସଙ୍କ ମର୍ଯ୍ୟାଦା ରକ୍ଷା କରିବା ସହିତ ଏବଂ ତାଙ୍କ ନାମ ସହିତ ଖାତ୍‌ମୁନ୍ ନବିଇନ୍ ଲେଖିବା ଅନିବାର୍ଯ୍ୟ ବୋଲି ଆଇନ ପାରିତ କରି କିଭଳି ଆପଣ ସ:ଆ:ସଙ୍କ ପ୍ରତି ପ୍ରେମ ଓ ଆନୁଗତ୍ୟର ଆନ୍ତରିକ ଏବଂ ହଜୁର ସ:ଆ:ସଙ୍କ ମର୍ଯ୍ୟାଦା ପ୍ରତି

ଆତ୍ମିକ ପରିପ୍ରକାଶ କରିଅଛୁ ଓ ତାହାର ପ୍ରମାଣ ଦେଇଅଛୁ ।

ହଜୁର ଅନୁଓ୍ୱର ଅ:ବ:ଅ କହିଲେ ବାସ୍ତବରେ ଯଦି ସେମାନଙ୍କ ହୃଦୟ ଉପରୋକ୍ତ କଥାର ସାକ୍ଷ୍ୟ ଦେଇ ସେମାନଙ୍କୁ ହଜୁର ସ:ଆ:ସଙ୍କ ଆଦର୍ଶର ଅନୁଶରଣ କରିବାକୁ ଅନୁପ୍ରାଣିତ କରୁଛି ତେବେ ତାହା ନିଶ୍ଚିତ ରୂପେ ଅତ୍ୟନ୍ତ ଭଲକଥା କିନ୍ତୁ ହଜୁର ସ:ଆ:ସ ସେମାନଙ୍କୁ ଯେଉଁ ଶିକ୍ଷା ଦେଇଛନ୍ତି ସେମାନଙ୍କର କର୍ମ ତ ସେମାନଙ୍କୁ ତହିଁରୁ ଅନେକ ଦୁରକୁ ଠେଲି ଦେଇଅଛି । ତେଣୁ ଯଦି ହଜୁର ସ:ଆ:ସଙ୍କ ଯୁଗକୁ ଫେରିଯାଇ ସେହି ଶିକ୍ଷା ଓ ଆଦର୍ଶକୁ ଆପଣାଇ ନିଆଯାଏ ଯାହାକି ହଜୁର ସ:ଆ:ସ ଲୋକମାନଙ୍କୁ ଶିକ୍ଷା ଦେଇଥିଲେ ଏବଂ ଏହା ଉପରେ ପରିଚାଳିତ ହୋଇ ଜଣେ ମୁସଲମାନ ଯେପରି ଅନ୍ୟମୁସଲମାନ ଭାଇର ବେକ ନ କାଟୁ ଏବଂ ଯୁଗ ପ୍ରବର୍ତକ ଓ ହଜୁର ସ:ଆ:ସଙ୍କ ସତ୍ୟବାଦୀଙ୍କର ବୟତ କରିବାପାଇଁ ହିଁ ଏହି ଲୋକମାନେ ଆସନ୍ତୁ

ସେମାନେ ଏକଥା ଭାବୁଛନ୍ତି ଯେ, ଖାତ୍‌ମୁନ୍ ନବିଇନ୍‌ର ଶବ୍ଦକୁ ଲେଖିବା ବାଧ୍ୟତାମୁଳକ କରି ସେମାନେ ଏକ ମହାନ୍ କାର୍ଯ୍ୟ ସମ୍ପାଦନ କରିଛନ୍ତି ଏବଂ ଅହେମଦୀମାନଙ୍କ ମାର୍ଗରେ ଏକ ପ୍ରତିବନ୍ଧକ ସୃଷ୍ଟି କରିଦେଇଛନ୍ତି । ସେହି ବୁଦ୍ଧିହୀନମାନଙ୍କୁ ଏହା ଜଣାନାହିଁ ଯେ ଅହେମଦୀମାନେ ହିଁ ସବୁଠାରୁ ଅଧିକ ଖାତ୍‌ମୁନ୍ ନବିଇନ୍‌ର ମର୍ଯ୍ୟାଦା ଓ ଗୌରବ ରକ୍ଷା ପ୍ରତି ସଚେତନ ଏବଂ ଏହା ମସହି ମଉଦ୍ ଆ:ସ ହିଁ ଆମମାନଙ୍କୁ ସ୍ୱଷ୍ଟ ରୂପେ ଶିକ୍ଷା ଦେଇଛନ୍ତି ଏବଂ ଅବଗତ କରାଇଛନ୍ତି । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପଦ, ଶବ୍ଦ ଓ ବାକ୍ୟରେ ଯେଉଁ ବଳିଷ୍ଠତା ଏବଂ ଶକ୍ତିର ଦିଗ ରହିଛି ତାହାର ଆଖପାଖରେ ମଧ୍ୟ ଏମାନେ ବିଚରଣ କରିପାରିବେ ନାହିଁ । ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପ୍ରତ୍ୟେକ ସମୟ ଓ ପ୍ରତ୍ୟେକ କର୍ମ କ୍ଷେତ୍ରରେ ହଜୁର ସ:ଆ:ସଙ୍କ ସହିତ ପ୍ରେମ ଓ ସ୍ନେହର ପରିପ୍ରକାଶ ଏଭଳି ଝଟକୁ ଅଛି କି ସେମାନଙ୍କର ବୁଦ୍ଧି ବିଚାର ମଧ୍ୟ ସେ ପର୍ଯ୍ୟନ୍ତ ପହଂଚିପାରିବ ନାହିଁ । ଏ ସମ୍ପର୍କରେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ଅସଂଖ୍ୟ ବଚନ ଉପଦେଶ ଏବଂ ଲେଖନୀମାନ ରହିଛି ସେଥି ମଧ୍ୟରୁ ବର୍ତମାନ ସମୟରେ ମୁଁ ଆପଣଙ୍କ ଆଗରେ ଦୁଇ ତିନୋଟି ଉଦାହରଣ ଉପସ୍ଥାପିତ କରିବି ।

ନିଜର ଆବିର୍ଭୁତ ହେବାର ଉଦ୍ଦେଶ୍ୟ ଓ ନିଜ ସମ୍ପ୍ରଦାୟର ଉନ୍ନତି ପ୍ରସଙ୍ଗରେ ବର୍ଣ୍ଣନା କରି ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜର ବିରୋଧିଙ୍କୁ ସମ୍ବୋଧିତ କରି କୁହନ୍ତି ଯେ ମୋର ସାମ୍ପ୍ରତିକ ଯୁଗରେ ଆବିର୍ଭୁତ ହେବାର ଦୁଇଟି ଉଦ୍ଦେଶ୍ୟ ରହିଛି, ପ୍ରଥମଟି ହେଉଛି ଯେ ମୁସଲମାନ ମାନେ ଧର୍ମ ନିଷ୍ଠତା ଓ ପବିତ୍ରତା ଉପରେ ଅବସ୍ଥାପିତ ହୋଇଯାଆନ୍ତୁ ଏବଂ ସେମାନେ ଏପରି ପ୍ରକୃତ ମୁସଲମାନ ପାଲଟିଯାଆନ୍ତୁ, ଯେ ଅଲ୍ଲାଃ ତାଲା ମୁସଲମାନର ଅର୍ଥକୁ ଯାହାକୁ ସେ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି ଯେ ମୁସଲମାନର ଅର୍ଥ ସମ୍ପୁର୍ଣ୍ଣରୂପେ ଆଜ୍ଞା କାରିତାର ସହିତ ଅଲ୍ଲାଃ ତାଲାଙ୍କ ଆଦେଶାବଳୀର ଅନୁସରଣ କରିବା ସ୍ତରରେ ଅବସ୍ଥାନ କରନ୍ତୁ । ଏବଂ ଦ୍ୱିତୀୟ ଉଦ୍ଦେଶ୍ୟଟି ଖ୍ରୀଷ୍ଟିୟାନମାନଙ୍କ କୃଶକୁ ଭାଙ୍ଗିଦିଆଯାଉ ଏବଂ ସେମାନଙ୍କୁ ସେମାନଙ୍କର କୃତ୍ରିମ ଓ ମନଗଢ଼ା ଭଗବାନ ଯେପରି ଦୃଶ୍ୟମାନ ନ ହୁଅନ୍ତୁ ସଂସାର ତାଙ୍କୁ ସମ୍ପୁର୍ଣ୍ଣରୂପେ ଭୁଲିଯାଉ ଏବଂ ପ୍ରକୃତ ଈଶ୍ୱରଙ୍କ ଉପାସନା କରନ୍ତୁ । ପୁନଶ୍ଚ ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଲେ ଯେ ମୋର ଉପରୋକ୍ତ ଦୁଇଟି ଉଦ୍ଦେଶ୍ୟକୁ ଦେଖି ଏ ଲୋକମାନେ କାହିଁକି କେଜାଣି ବିରୋଧ ପ୍ରଦର୍ଶନ କରୁଛନ୍ତି । ସେମାନଙ୍କୁ ମନେରଖିବା ଉଚିତ ଯେ ଯେଉଁ କାର୍ଯ୍ୟ ସ୍ୱଭାବର ବିଭେଦତା ଓ ସଂସାରର ଆବର୍ଜନା ଅତାର୍ଥ କଳୁଶିତ ଜୀବନ ସହିତ ସମ୍ପାଦିତ ହେବ ତେବେ ତାହା ଆପେ ଆପେ ସେହି ବିଷ ଦ୍ୱାରା ବିନାସ ବା ନଷ୍ଟ ହୋଇଯିବ । ଏଣୁ ଯଦି ମୋ ମନରେ କୌଣସି ବି କପଟତା କିମ୍ବା ମନ୍ଦ ଚିନ୍ତନ ରହିଛି ତେବେ ଏପରି କାର୍ଯ୍ୟରେ ଆଦୌଂ ବର୍‌କତ୍ ହେବନାହିଁ ବରଂ ତାହାର ଫଳାଫଳ ଯଥାଶିଘ୍ର ବାହାରି ଆସିବ ତାହେଲେ ସେହି ପରିପ୍ରେକ୍ଷୀରେ ମୋର ମୁଳପ୍ପାଟନ ହେବା ଓ ସର୍ବନାଶ ସୁନିଶ୍ଚିତ ହେବ ସୁତରାଂ ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଲେ ଯେ ମିଥ୍ୟାବାଦୀ କେବେହେଲେ ଏହି ସଂସାରରେ ସଫଳ ହୋଇନଥାଏ କାରଣ ଅଲ୍ଲାଃ ତାଲାଙ୍କ କହିବା ଅନୁଯାୟୀ **ଇନ୍ନଲ୍ଲାହା ଲା ୟହ୍‌ଦି ମନ୍ ହୁଓ୍ୱ ମୁସ୍‌ରିଫୁ ନ୍ କଜ୍ଜାବ** (ଅଲ୍‌ମୁମିନୁନ୍: ୨୯) ଅର୍ଥାତ ଅଲ୍ଲାଃ ତାଲା ସେହି ବ୍ୟକ୍ତିର ମାର୍ଗଦର୍ଶନ କରନ୍ତିନାହିଁ ଯିଏ ସୀମା ଲଙ୍ଘନ କରେ ଏବଂ ମିଥ୍ୟାବାଦୀ ଅଟେ । ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଲେ ଯେ ମିଥ୍ୟାବାଦିର ସର୍ବନାଶ ପାଇଁ ତାହାର ମିଥ୍ୟା ହିଁ ଯଥେଷ୍ଟ ତେଣୁ ମିଥ୍ୟାବାଦୀ ଉପାସକର ମିଥ୍ୟା ହିଁ ତାହାର ସର୍ବନାଶ କରିଦେବ । କିନ୍ତୁ ଯେଉଁ କାର୍ଯ୍ୟ ଅଲ୍ଲାଃ ତାଲାଙ୍କ ଗାରିମା, ପ୍ରତାପ ଓ ତାହାଙ୍କ ବାର୍ତାବହକଙ୍କ ବର୍‌କତ୍‌ର ପ୍ରକାଶ୍ୟ ଓ ପ୍ରମାଣ ପାଇଁ ଉଦ୍ଦିଷ୍ଟ ହୋଇଥାଏ ତେବେ ତାହା ଅଲ୍ଲାଃ ତାଲାଙ୍କର ସ୍ୱହସ୍ତରୁ ବପନ କରାଯାଇଥିବା ଗୁଳ୍ମ ସଦୃଶ ଅଟେ । ତାହାର ସୁରକ୍ଷା ସ୍ୱୟଂ ଦେବଦୁତମାନେ ହିଁ କରିଥାନ୍ତି । ଭକ୍ତମାନଙ୍କର ଏହା କାର୍ଯ୍ୟ ନୁହେଁ ଯେ ସେମାନେ ଅଲ୍ଲାଃ ତାଲାଙ୍କ ସମ୍ମାନ ଓ ମର୍ଯ୍ୟାଦାକୁ ସୁରକ୍ଷା ପ୍ରଦାନ କରିପାରିବେ । ଅଲ୍ଲାଃ ତାଲା ଯେତେବେଳେ ଏହି କାର୍ଯ୍ୟକୁ ଆରମ୍ଭ କରିଛନ୍ତି ତେବେ ତାହାଙ୍କ ଦୁତମାନେ ହିଁ ସେହି ସତ୍ୟବାଦୀକୁ ସୁରକ୍ଷା ପ୍ରଦାନ କରିବେ ଏବଂ ଏପରି କେଉଁ ବ୍ୟକ୍ତି ଅଛି ଯିଏ ତାହାର କ୍ଷତି କରିପାରିବ ? ତାହା ପାଇଁ ଏହା ଏକ ବଡ଼ ଚ୍ୟାଲେଞ୍ଜ ଅଟେ । ତେଣୁ ଯମାତ୍ ଅହେମଦୀୟା ବିରୋଧରେ ଯେତେ ବିରୋଧ ପ୍ରଦର୍ଶନ ହୋଇଥାଏ ଅଲ୍ଲାଃ ତାଲାଙ୍କ କୃପାରୁ ଯମାତ୍ ଅହେମଦୀୟାର ସେତିକି ଉନ୍ନତି ଘଟିଥାଏ ।

ପୁନଶ୍ଚ ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଲେ: ଯେ ମନେରଖ ଯେ ମୋର ସମ୍ପ୍ରଦାୟ ଯଦି ନିପଟ ବ୍ୟବସାୟ ଭିତିକ ହୋଇଥାଏ ତେବେ ତାହା କାଳାର କରାଳରେ ନିଶ୍ଚିତ ନିଶ୍ଚିହ୍ନ ହୋଇଯିବ । କିନ୍ତୁ ଯଦି ତାହା ଅଲ୍ଲାଃ ତାଲାଙ୍କ ତରଫରୁ ଏବଂ ନିଶ୍ଚିତରୂପେ ତାହା ଅଲ୍ଲାଃଙ୍କ ତରଫରୁ ତେବେ ସମଗ୍ର ପୃଥିବୀ ଯଦି ଯମାତ୍ ଅହେମଦୀୟାର ବିରୋଧ କରିବ ତେବେ ଏହା ଉନ୍ନତିର ନୂତନ ପାହଚମାନ ଅତିକ୍ରମ କରିଚାଲିବ ଏବଂ ସମଗ୍ର ବିଶ୍ୱରେ ପ୍ରସାର ଲାଭ କରିବ ଏବଂ ଈଶ୍ୱର ଦୂତମାନେ ଏହାର ସୁରକ୍ଷା କରିବେ । ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି, ଯଦି ଜଣେ ବ୍ୟକ୍ତି ମୋର ସହିତ ନ ରୁହେ ଏବଂ କେହି ମତେ ସାହାଯ୍ୟ ନ କରନ୍ତି ତେବେ ବି ମୁଁ ଅଲ୍ଲାଃ ତାଲାଙ୍କ ଉପରେ ଏହି ବିଶ୍ୱାସ ସ୍ଥାପନ କରୁଛି ଯେ ମୋର ଏହି ସମ୍ପ୍ରଦାୟ ନିଶ୍ଚିତରୂପେ ସଫଳ ହେବ ।

ହଜ୍‌ରତ୍ ମସିହ ମଉଦ୍ ଆ:ସ ଆହୁରି କୁହନ୍ତି ଯେ, ମୁଁ ବିରୋଧିଙ୍କୁ ଆଦୌଁ ଭୃକ୍ଷେପ କରେନାହିଁ କାରଣ ଜଣେ ସତ୍ୟବାଦୀର ବିରୋଧ ହେବା ସୁନିଶ୍ଚିତ ଏବଂ ଏହା କୌଣସି ନୂଆକଥା ନୁହେଁ । ମୋର ସମ୍ପ୍ରଦାୟ ବିରୋଦ୍ଧରେ ବିରୋଧ ହେବାକୁ ମଧ୍ୟ ମୁଁ ଯମାତ୍‌ର ଉନ୍ନତି ବୋଲି ମଣୁଅଛି କାରଣ ଏପରି କଦାପି ଘଟିନାହିଁ ଯେ ଅଲ୍ଲାଃ ତାଲାଙ୍କ ଦ୍ୱାରା ନିଯୁକ୍ତ ବାର୍ତାବହ ପୃଥିବୀରେ ଆସିଥିବେ ଏବଂ ଲୋକମାନେ ତାହାଙ୍କର ବିରୋଧ ନକରି ତାଙ୍କୁ ଚୁପ୍‌ଚାପ୍ ଭାବରେ ଗ୍ରହଣ କରି ନେଉଥିବେ । ପୃଥିବୀବାସୀଙ୍କର ଅବସ୍ଥା ସମ୍ପର୍କରେ ଏ କି ବିଡ଼ମ୍ବନା ଯେ, ମନୁଷ୍ୟ ଯେତେ ସତ୍ୟବାଦୀ ଓ ସତ୍ୟସ୍ୱଭାବ ଓ ସଦାଚାରୀ ହୋଇଥାଉ ନା କାହିଁକି କିନ୍ତୁ ଅନ୍ୟ ଲୋକମାନେ ଯେଉଁମାନେ ସତ୍ୟବାଦୀର ବିରୋଧି ସେମାନେ ସତ୍ୟବାଦୀର ଘୋର ବିରୋଧ କରନ୍ତି ଏବଂ ତାଙ୍କର ପିଛା ଛାଡ଼ନ୍ତିନାହିଁ । ପୁନଶ୍ଚ କହିଲେ ଯେ ଅଲ୍ଲାଃ ତାଲାଙ୍କର ଅପାର ଦୟା ଯେ ଆମ ସମ୍ପ୍ରଦାୟର ଉନ୍ନତି ଅସ୍ୱଭାବିକ ରୂପେ ହେଉଛି ।

ଆଜି ଆମେ ଏହା ଅବଲୋକନ କରୁଛୁ ଯେ, ଦୁଇଶହରୁ ଉର୍ଦ୍ଧ ଦେଶରେ ଆମ ଯମାତ୍‌ରେ ନୈଷ୍ଠିକ ବ୍ୟକ୍ତି ଅଛନ୍ତି ଯେଉଁମାନେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ବୟତରେ ସାମିଲ ହୋଇଛନ୍ତି । ଯେତେବେଳେ ହଜ୍‌ରତ୍ ମସିହ ମଉଦ୍ ଆ:ସ ବର୍ଣ୍ଣନା କରୁଥିଲେ ସେତେବେଳେ ଯମାତ୍ ଅହେମଦୀୟାର ସଂଖ୍ୟା ଅନ୍ୟରାଷ୍ଟ୍ରରେ ଶତକ ମଧ୍ୟରେ ଥିଲା କିନ୍ତୁ ଆଜି ଅଲ୍ଲାଃ ତାଲାଙ୍କ କୃପାରୁ ସମଗ୍ର ପୃଥିବୀରେ ଦୁଇଶହରୁ ଉର୍ଦ୍ଧ ଦେଶରେ ଯମାତ୍ ଅହେମଦୀୟା ଦୃଢ଼ତାର ସହ ସ୍ଥାପିତ ଏବଂ ଲକ୍ଷ୍ୟାଧିକ ଲୋକମାନେ ପ୍ରତି ବର୍ଷ ଯମାତ୍ ଅହେମଦୀୟରେ ସାମିଲ ହେଉଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେ ଏହି ସମ୍ପ୍ରଦାୟ ସ୍ଥାପନ କରିବାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଏହା କି, ଲୋକମାନେ ସାଂସାରିକ ମୋହମାୟା ଓ ଅପବିତ୍ରତାରୁ ମୁକ୍ତି ଲାଭ କରନ୍ତୁ ଏବଂ ପ୍ରକୃତ ପବିତ୍ରତା ପ୍ରାପ୍ତ କରିନିଅନ୍ତୁ ଏବଂ ଦେବଦୁତଙ୍କ ପରି ଜୀବନଯାପନ କରନ୍ତୁ । ***(ମଲ୍‌ଫୁଜାତ୍, ଖଣ୍ଡ-୮, ପୃ-୧୪୮-୧୪୯)***

ସୁତରାଂ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କର ଏହି ଉପଦେଶ ଅନୁଯାୟୀ ଆମମାନଙ୍କର କର୍ତବ୍ୟ ଯେ ଆମେମାନେ ନିଜର ଅବସ୍ଥାକୁ ସୁଦୃଢ଼ ତଥା ପରିମାର୍ଜିତ କରି ତାହାକୁ ଇସ୍‌ଲାମୀୟ ଶିକ୍ଷା ଅନୁଯାୟୀ କରିବାପାଇଁ ଚେଷ୍ଟା କରିବା ଏବଂ ଏହି ପ୍ରକ୍ରିୟା ହିଁ ଶତୃର ମୁହଁ ବନ୍ଦ କରିବାରେ ସକ୍ଷମ ହୋଇପାରିବ ଏବଂ ଶତୃ ଉପରେ ବିଜୟ ପ୍ରାପ୍ତ କରିବାର ମଧ୍ୟ ସହାୟକ ହୋଇପାରିବ ।

ସେହିପରି ଭାବରେ ହଜ୍‌ରତ୍ ମସିହ ମଉଦ୍ ଆ:ସ ନିଜର ଏବଂ ନିଜ ଯମାତ୍‌ର ପୂର୍ଣ୍ଣ ବିଶ୍ୱାସ ଏବଂ ହଜୁର ସ:ଆ:ସଙ୍କର ପ୍ରକୃତ ଆଜ୍ଞାନୁବର୍ତିତା ସମ୍ପର୍କରେ ଘୋଷଣା କରି ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି: ମୁଁ ସତ୍ୟ କହୁଅଛି ଏବଂ ଈଶ୍ୱରଙ୍କ ଶପଥ କରି କହୁଛି ଯେ ମୁଁ ଏବଂ ମୋର ସମ୍ପ୍ରଦାୟ ମୁସଲମାନ ଅଟନ୍ତି ଏବଂ ମୋର ଯମାତ୍ ହଜୁର ସ:ଆ:ସଙ୍କ ଉପରେ ଓ କୁରାନ୍ ଉପରେ ସେହିପରି ଭାବରେ ବିଶ୍ୱାସ ରଖୁଛି ଯେପରି ଜଣେ ପ୍ରକୃତ ମୁସଲମାନଙ୍କୁ ବିଶ୍ୱାସ ରଖିବା ଉଚିତ । ମୁଁ ଇସ୍‌ଲାମ୍‌ରୁ ପାଦେମାତ୍ର ବାହାରକୁ ଗୋଡ଼ କାଢ଼ିବା ଦ୍ୱାରା ମୋର ସର୍ବନାଶ ହେବ ବୋଲି ମଣୁଅଛି ଏବଂ ମୋର ଏହି ବିଶ୍ୱାସ ରହିଛି ଯେ ଯେଉଁଭଳି କଲ୍ୟାଣ ଓ ବିଭୁତି କୌଣସି ବ୍ୟକ୍ତି ପ୍ରାପ୍ତ କରିପାରିବ ଏବଂ ଯେଉଁଭଳି ଅଲ୍ଲାଃ ତାଲାଙ୍କର ସାନିଧ୍ୟତା ଏବଂ ସାମୀପତା ଜଣେ ବ୍ୟକ୍ତି ଲାଭ କରିପାରିବ ତାହା କେବଳ ହଜୁର ସ:ଆ:ସଙ୍କ ପ୍ରକୃତ ଆଜ୍ଞାନୁବର୍ତିତା ଏବଂ ପୁର୍ଣ୍ଣ ପ୍ରେମ ମାଧ୍ୟମରେ ସମ୍ଭବପର ଏହା ବ୍ୟତିତ ତାହା ସମ୍ଭବ ନୁହେଁ । ହଜୁର ସ:ଆ:ସଙ୍କ ପରେ ବର୍ତମାନ ପୂଣ୍ୟର ଅନ୍ୟ କୌଣସି ମାର୍ଗ ଅବଶିଷ୍ଟ ରହିନାହିଁ ହଁ ଏହା ମଧ୍ୟ ସତ୍ୟ ଯେ ମୁଁ କଦାପି ଏହା ବିଶ୍ୱାସ ରଖୁନାହିଁ ଯେ ହଜ୍‌ରତ୍ ଇସା ମସିହ ଆ:ସ ସଶରୀର ଜୀବିତ ଆକାଶକୁ ଚାଲିଯାଇଛନ୍ତି ଏବଂ ବର୍ତମାନ ସୁଦ୍ଧା ଜୀବିତ ଅଛନ୍ତି ତେଣୁ ଉକ୍ତ ବିବାଦକୁ ଗ୍ରହଣ କରିବା ଫଳରେ ହଜୁର ସ:ଆ:ସଙ୍କ ଘୋର ଅପମାନ ଓ ଅସମ୍ମାନ ତଥା ଅପନିନ୍ଦା ହୋଇଥାଏ । ମୁଁ ମୁହର୍ତକ ପାଇଁ ଉକ୍ତ ନିନ୍ଦା, ଉପହାସକୁ ବରଦାସ୍ତ କରିପାରିବି ନାହିଁ । ସମସ୍ତଙ୍କୁ ଜଣା ଯେ, ହଜୁର ସ:ଆ:ସଙ୍କ ଦୀର୍ଘ ୬୩ ବର୍ଷ ବୟସରେ ବିୟୋଗ ହୋଇଥିଲା ଏବଂ ପବିତ୍ର ମଦିନା ଭୁମିଠାରେ ତାଙ୍କର କବର ରହିଛି ପ୍ରତ୍ୟେକ ବର୍ଷ ସେଠାରେ ହଜାର ହଜାର ସଂଖ୍ୟକ ହଜ୍ ଯାତ୍ରୀ ଏକତ୍ରୀତ ହୁଅନ୍ତି ତେଣୁ ବର୍ତମାନ ଯଦି ଇସା ମସିହ ଆ:ସଙ୍କ ସମ୍ପର୍କରେ ମୃତ୍ୟୁକୁ ବିଶ୍ୱାସ କରାଯାଏ କିମ୍ବା ତାଙ୍କୁ ମୃତ

ବୋଲି ଘୋଷଣା କରିବା ଅସଦାଚରଣ ହେବ । ତେବେ ମୁଁ ପୂର୍ନବାର କହୁଛି ଯେ ହଜୁର ସ:ଆ:ସଙ୍କ ସପକ୍ଷରେ ଏପରି ଅସଦାଚାରଣ କାହିଁକି ଓ କିପରି ପଦର୍ଶନ କରାଯାଉଅଛି । ହଜୁର ସ:ଆ:ସଙ୍କୁ କାହିଁକି ଏପରି କୁହାଯାଏ ଯେ ସେ ମୃତ ଓ ସେ କବରରେ ସମାଧିସ୍ଥ । ହଜ୍‌ରତ୍ ମସିହ ମଉଦ୍ ଆ:ସ କହିଲେ ଯେ କିନ୍ତୁ ତୁମେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ କହିଦେଉଛ ଯେ ହଜୁର ସ:ଆ:ସଙ୍କର ତ ବିୟୋଗ ହୋଇସାରିଛି ଚାଟଶାଳୀ ଶିଶୁମାନେ ମଧ୍ୟ ଅତ୍ୟନ୍ତ ମୁକ୍ତ କଣ୍ଠରେ ଉକ୍ତ ବିୟୋଗାତ୍ମକ ଘଟଣାର ଚର୍ଚ୍ଚା କରିଦିଅନ୍ତି ଏବଂ ଅବିଶ୍ୱାସକାରୀଙ୍କ ମୁକାବିଲାରେ ମଧ୍ୟ ତୁମେମାନେ ପ୍ରଶସ୍ତ ହୃଦୟର ସହ ଏହା ସ୍ୱୀକାର କରୁଛ ଯେ, ହଜୁର ସ:ଆ:ସଙ୍କର ବିୟୋଗ ହୋଇସାରିଛି କିନ୍ତୁ ଯେତେବେଳେ ହଜ୍‌ରତ୍ ଇସା ଆ:ସଙ୍କ ବିୟୋଗ କଥା ଶୁଣୁଛନ୍ତି ଏପରି କର ହୋଇଯାଉଛି ଯେ ସେମାନେ ନିଜ ଚକ୍ଷୁ ରକ୍ତ ବର୍ଣ୍ଣ ହୋଇଯାଇଛି ଅର୍ଥାତ କ୍ରୋଧରେ ଜର୍ଜରିତ ହୋଇଯାଉଛନ୍ତି । ବର୍ତମାନ ମଧ୍ୟ ଏହି କେତେକ ସଂଖ୍ୟକ ଲୋକ, କେତେକ ଗୋଷ୍ଠୀ ଓ କେତେକ ବିଦ୍ୱାନମାନେ ଏହା କୋଳାହଳ ସୃଷ୍ଟି କରିବାରେ ମାତିଛନ୍ତି ଯେ, ହେଇ ଦେଖ କଣ କଲା ସେ, ସେହି ଲୋକମାନେ ଯେଉଁମାନେ ବର୍ତମାନ ସୁଦ୍ଧା ଜୀବିତ ଅଛନ୍ତି ସେମାନଙ୍କ ମଧ୍ୟରେ ଗୋଟିଏ ଗୋଷ୍ଠୀ ଇସା ଆ:ସଙ୍କ ସମ୍ପର୍କରେ ଏହା ମତ ରଖୁଅଛି ଯେ ଇଶା ଆ:ସ ଏ ସଂସାରକୁ ଫେରି ଆସିବେ ନାହିଁ ଏବଂ ଅନ୍ୟ ଏକ ଗୋଷ୍ଠୀ ବିଶ୍ୱାସ ରଖୁଛି ଯେ ଇସା ଆ:ସ ଅବଶ୍ୟ ଆସିବେ ।

ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି: ଆମେ ବି ଦୁଃଖିତ ହୋଇନଥାନ୍ତୁ ଯଦି ତୁମେମାନେ ହଜୁର ସ:ଆ:ସଙ୍କ ସପକ୍ଷରେ ମୃତ୍ୟୁ ଶବ୍ଦକୁ ଶୁଣି ଏପରି ଲୋତକପୂର୍ଣ୍ଣ ହୋଇଯାଇଥାଆନ୍ତ କିନ୍ତୁ ଦୁଃଖ ଓ ପରିତାପ ର ବିଷୟ ଏହି କି ଯେ, ଖାତ୍‌ମୁନ୍ ନବିଇନ୍ ଓ ଉଭୟ ଲୋକର ଅଧିପତି ହଜୁର ସ:ଆ:ସଙ୍କ ସପକ୍ଷରେ ଅତ୍ୟନ୍ତ ଆନନ୍ଦର ସହିତ ମୃତ୍ୟୁକୁ ଗ୍ରହଣ କରିଦେଉଛ ଏବଂ ସେହି ବ୍ୟକ୍ତି ସମ୍ପର୍କରେ (ଅର୍ଥାତ ହଜ୍‌ରତ୍ ସ:ଆ:ସ) ଯିଏ ନିଜକୁ ହଜୁର ସ:ଆ:ସଙ୍କ ପାଦୁକାର ଫିତା ଖୋଲିବାକୁ ମଧ୍ୟ ଯୋଗ୍ୟ ନୁହେଁ । ଯଦି ତାଙ୍କୁ ଜୀବିତ ଓ ହଜୁର ସ:ଆ:ସଙ୍କୁ ମୃତବ୍ୟକ୍ତି ରୂପେ ଅଭିହିତ କରାଯାଉଛି ତେବେ ତୁମେ କ୍ରୋଧିତ ହୋଇଯାଉଅଛ । ଯଦି ହଜୁର ସ:ଆ:ସ ବର୍ତମାନ ସୁଦ୍ଧା ଜୀବିତ ରହିଥାନ୍ତେ ତାହେଲେ କୌଣସି ଅସୁବିଧା ହୋଇନଥାନ୍ତି ତାହା ଏଥିପାଇଁ ଯେ, ହଜୁର ସ:ଆ:ସ ସେହି ମହାନ୍ ତଥା ଭବ୍ୟ ମାର୍ଗଦର୍ଶକାକୁ ନେଇ ପୃଥିବୀ ପୃଷ୍ଠରେ ଅବତରଣ କରିଥିଲେ । ଯାହାର ଦୃଷ୍ଟାନ୍ତ ଆଜିପର୍ଯ୍ୟନ୍ତ ସଂସାରରେ ଦେଖିବାକୁ ମିଳେନାହିଁ ଏବଂ ହଜୁର ସ:ଆ:ସ ସେହି ବ୍ୟବହାରିକ ଆଚରଣ ଓ ଅବସ୍ଥା ପ୍ରଦର୍ଶନ କଲେ କି ଆଦମ୍‌ଙ୍କଠାରୁ ନେଇ ଅଦ୍ୟାବଧି କେହିବି ସେହିପରି ଆଦର୍ଶ ଓ ଦୃଷ୍ଟାନ୍ତ ପ୍ରଦର୍ଶନ କରିନାହାନ୍ତି । ପୁନଶ୍ଚ ହଜୁର ସ:ଆ:ସ କହିଲେ, ଯେ ମୁଁ ତୁମମାନଙ୍କୁ ସତ୍ୟ କହୁଅଛି ଯେ, ହଜୁର ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱରେ ଯେଉଁଭଳି ଆବଶ୍ୟକତା ମୁସଲମାନ ଓ ପୃଥିବୀବାସୀଙ୍କୁ ରହିଥିଲା ସେହିପରି ଆବଶ୍ୟକତା ହଜ୍‌ରତ୍ ଇଶା ଆ:ସଙ୍କ କଦାପି ନଥିଲା । ସୁତରାଂ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କର ଅସ୍ତିତ୍ୱ ହେଉଛି ଏଭଳି ଅସ୍ତିତ୍ୱ ଯେ ଯେତେବେଳେ ହଜୁର ସ:ଆ:ସଙ୍କର ଅକାଳ ବିୟୋଗ ଘଟିଲା । ସେତେବେଳେ ସାହାବାମାନଙ୍କର ଅବସ୍ଥା ଏପରି ଥିଲା ଯେ, ସେମାନେ ପାଗଳ ପରି ହୋଇଯାଉଥିଲେ । ଏପରି କି ହଜ୍‌ରତ୍ ଉମର୍ ର:ଅ ଖଡ୍ଗ ଉତଳନ କରିନେଲେ । ଯଦି କୌଣସି ବ୍ୟକ୍ତି ଏହା କହିବ ଯେ ହଜୁର ସ:ଆ:ସଙ୍କର ପରଲୋକ ହୋଇଯାଇଛି ତେବେ ମୁଁ ତାହାର ମୁଣ୍ଡକାଟ କରିଦେବି । ଏହି ଭାବବେଗ ଅବସ୍ଥାରେ ଅଲ୍ଲାଃ ତାଲା ହଜ୍‌ରତ୍ ଅବୁବକର ର:ଅଙ୍କୁ ଏକ ବିଶେଷ ଜ୍ୟୋତି ଏବଂ ବୁଦ୍ଧିମତା ପ୍ରଦାନ କଲେ ସେ ସେହି ସମସ୍ତ ଲୋକମାନଙ୍କୁ ଏକାଠି କଲେ ଏବଂ ଅଭିଭାଷଣ ଦେଲେ ଏବଂ ଏହି ଆୟତ ପାଠ କଲେ: **ୱମା ମୁହମ୍ମଦୁନ୍ ଇଲ୍ଲା ରସୁଲ୍ କଦ୍ ଖଲତ୍ ମିନ୍ କବ୍‌ଲିହିର୍ ରୁସୁଲ୍** (ଆଲେ ଇମ୍‌ରାନ୍: ୧୪୫) ଅର୍ଥାତ ହଜୁର ସ:ଆ:ସଙ୍କ କେବଳ ଜଣେ ବାର୍ତାବହକ ଏବଂ ତାଙ୍କ ପୂର୍ବରୁ ସମସ୍ତ ବାର୍ତାବହ ମାନଙ୍କର ମୃତ୍ୟୁ ଘଟିସାରିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆପଣ ଟିକିଏ ଚିନ୍ତା କରନ୍ତୁ ଏବଂ ଟିକେ ଚିନ୍ତା କରି କୁହନ୍ତୁ ଯେ, ହଜୁର ସ:ଆ:ସଙ୍କ ବିୟୋଗର ହଜ୍‌ରତ୍ ଅବୁବକର ର:ଅ ଉପରୋକ୍ତ ଆୟତ କାହିଁକି ପଢ଼ିଥିଲେ ଏବଂ ତହିଁରୁ ହଜ୍‌ରତ୍ ଅବୁବକର ର:ଅଙ୍କ କଣ ଯଥାର୍ଥତା ଓ ଉଦ୍ଦେଶ୍ୟ ରହିଥିଲା ଏବଂ ପୁନଶ୍ଚ ଏଭଳି ବିୟୋଗାତ୍ମକ ପରିସ୍ଥିତିରେ ସମସ୍ତ ସାହାବାମାନେ ମଧ୍ୟ ଉପସ୍ଥିତ ଥିଲେ । ମୁଁ ବିଶ୍ୱାସର ସହିତ କହୁଛି ଏବଂ ଆପଣମାନେ ଏହାକୁ ଖଣ୍ଡନ ତଥା ଅସ୍ୱୀକାର କରିପାରିବେ ନାହିଁ ଯେ ହଜୁର ସ:ଆ:ସଙ୍କ ବିୟୋଗ ଯୋଗୁଁ ସାହାବାମାନଙ୍କ ହୃଦୟ ଗଭୀର ରୂପେ ମର୍ମାହତ ଓ ବ୍ୟଥିତ ଏବଂ ଦୁଃଖିତ ଥିଲା । ଏବଂ ସେହଭଳି ଏକ ଘଡ଼ିସନ୍ଧି ମୁହୁର୍ତରେ ଏବଂ ଅସମୟରେ ସାହାବାମାନେ ଏହା ଶୁଣିବାକୁ ପସନ୍ଦ କଲେ ନାହିଁ ଯେ ସେମାନେ ହଜୁର ସ:ଆ:ସଙ୍କ ବିୟୋଗ ସମାଚାର ଶୁଣନ୍ତୁ ଏଭଳି ଅବସ୍ଥା ଓ ପରିସ୍ଥିତିରେ ହଜ୍‌ରତ୍ ଉମର୍ ର:ଅଙ୍କ ପରି ଜଣେ ସାହାବି ଯିଏକି ବେଶ୍ ଉଚ୍ଚସ୍ତରର ସାହାବି ଓ ବିଚକ୍ଷଣ ସାହାବି ଥିଲେ । ସେହି ଭାବବେଗ ଅବସ୍ଥାରେ ନିଜର କ୍ରୋଧକୁ ଆଉ ଅଧିକ ସମୟ ପର୍ଯ୍ୟନ୍ତ ଦବାଇ ରଖିପାରିନଥିଲେ ତେଣୁ ଉପରୋକ୍ତ ଆୟତ ହିଁ ତାଙ୍କର କ୍ରୋଧକୁ ପ୍ରମାଣିତ କରି ତାଙ୍କ ଆଶ୍ୱାସନାର କାରଣ ଦର୍ଶାଉଅଛି । ସୁତରାଂ ଯଦି ସେ ଏହି ବିଶ୍ୱାସ ରଖିଥାନ୍ତେ ଯେ ହଜ୍‌ରତ୍ ଇଶା ଆ:ସ ଜୀବିତ ଅଛନ୍ତି ତେବେ ସେ ଜୀବିତ ଅବସ୍ଥାରେ ହିଁ ନିଜର ପ୍ରାଣ ହରାଇଥାନ୍ତେ ସେମାନେ ତ ରସୁଲ୍ ପ୍ରେମୀ ଥିଲେ ତେଣୁ ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ଜୀବନ ଛଡ଼ା ଅନ୍ୟକୌଣସି ବ୍ୟକ୍ତିର ଜୀବନ ବିଷୟରେ ଚିନ୍ତା କରିପାରୁନଥିଲେ ପୁନଶ୍ଚ ସେମାନେ କିପରି ନିଜ ଆଖି ଆଗରେ ହଜୁର ସ:ଆ:ସଙ୍କୁ ମୃତବୋଲି ଦେଖିଥାନ୍ତେ ଏବଂ ହଜ୍‌ରତ୍ ଇଶା ଆ:ସଙ୍କୁ ଜୀବିତ ବୋଲି ଭାବିଥାନ୍ତେ । ଅର୍ଥାତ ହଜ୍‌ରତ୍ ଅବୁବକର ର:ଅ ଯେତେବେଳେ ଖୁତ୍‌ବା ଦେଲେ ସେତେବେଳେ ସେମାନଙ୍କ ଭାବବେଗ ଓ କ୍ରୋଧ ଶିଥିଳ ହୋଇ ପ୍ରସମିତ ହୋଇଯାଇଥିଲା । ସେତେବେଳେ ସେମାନେ ମଦିନାର ଗଳିରେ ଏହି ଆୟତ ପଢ଼ି ବିଚରଣ କରୁଥିଲେ ଏବଂ ସେମାନେ ଏହା ଭାବୁଥିଲେ ଯେ, ଯେପରି ଉକ୍ତ ଆୟତ ଆଜି ହିଁ ଅବତୀର୍ଣ୍ଣ ହୋଇଅଛି । ସେତେବେଳେ ହସାନ୍ ବିନ୍ ସାବିତ୍ ନାମକ ଜଣେ ବିଖ୍ୟାତ କବି ଏକ ଶୋକ ଗୀତ ଲେଖିଲେ: ***କୁନ୍‌ତସ୍ ସୱ୍ୱାଦା ଲିନାଜିରି ଫଅମିୟା ଆଲୈକନ୍ ନାଜୁର ମନ୍ ଶାଆ ବାଦକା ଫଲ୍‌ୟମୁତ୍ ଫଆଲୈକା କୁନ୍‌ତ ଉହାଜିରୁ*** ଯେହେତୁ ଉପରୋକ୍ତ ଆୟତରେ ଏହା କହିଦିଆଯାଇଥିଲା ଯେ ସମସ୍ତ ନବୀଙ୍କର ବିୟୋଗ ହୋଇସାରିଛି ତେଣୁ ହସାନ୍ ବିନ୍ ସାବିତ୍ ର:ଅ ମଧ୍ୟ କହିଲେ ଯେ ବର୍ତମାନ ଯଦି କୌଣସି ବ୍ୟକ୍ତିର ମୃତ୍ୟୁ ଘଟେ ତେବେ ମୁଁ ଏଥିନିମନ୍ତେ ମଧ୍ୟ କୌଣସି ଭ୍ରୁକ୍ଷେପ କରିବିନାହିଁ । ସୁତରାଂ ବିଶ୍ୱାସ ରଖ ଯେ ହଜୁର ସ:ଆ:ସଙ୍କ ବିପକ୍ଷରେ କୌଣସି ବ୍ୟକ୍ତିର ଜୀବନ ସାହାବାମାନଙ୍କ ପାଇଁ କଷ୍ଟକର ଥିଲା ଏବଂ ସେମାନେ ଏହାକୁ ଗ୍ରହଣ କରିପାରୁନଥିଲେ ଏହିପରି ଭାବରେ ହଜୂର ସ:ଆ:ସଙ୍କ ବିୟୋଗରେ ପ୍ରଥମ ଇଜ୍‌ମା ଅର୍ଥାତ ଧାର୍ମିକ ସମସ୍ୟାର ସମାଧାନ ସର୍ବସମ୍ମତ ହୋଇଥିବା ଯାହାକି ସଂସାରରେ ପ୍ରଥମଥର ପାଇଁ ହୋଇଥିଲା ଏବଂ ସେହି ବହୁମତରେ ହଜ୍‌ରତ୍ ଇଶା ଆ:ସଙ୍କ ମୃତ୍ୟୁର ସ୍ପଷ୍ଟ ନିଷ୍ପତି ହୋଇଯାଇଥିଲା ।***(ଲେକ୍‌ଚର୍ ଲୁଧିୟାନା ରୁହାନି ଖଜାଇନ୍ ଖଣ୍ଡ-୨୦, ପୃ-୨୬୦-୨୬୨) (ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୨୨୪-୨୨୭)***

ପୁନଶ୍ଚ ହଜୁର ସ:ଆ:ସଙ୍କ ମର୍ଯ୍ୟାଦା ଓ ସମ୍ମାନ ସମ୍ପର୍କରେ ଚର୍ଚ୍ଚା କରି ହଜ୍‌ରତ୍ ମସିହ ମଉଦ୍ ଆ:ସ କୁହନ୍ତି, ସେହି ବ୍ୟକ୍ତି ଯିଏ ନିଜ ସତାରୁ ନିଜ ବିଶେଷ ଗୁଣାବଳୀରୁ ନିଜର କର୍ମରୁ ଏବଂ ନିଜର ଆଧାତ୍ମିକ ଓ ପବିତ୍ର ଶକ୍ତି ଉପରେ ବଳପୂର୍ବକୁ ସମ୍ପୁର୍ଣ୍ଣ ଆଦର୍ଶମୁଳକ ଉଦାହରଣ ଜଣାତରେ ହେଉ କିମ୍ବା ବ୍ୟବହାରିକ ତ୍ୟାଗପୁତ, ଶୁଦ୍ଧପୁତ, ତୁଳନାତ୍ମକ ରୂପେ ପ୍ରଦର୍ଶନ କରି ପୁରୁଷତମର ଆଖ୍ୟା ପାଇଥିଲେ । ତାଙ୍କ ଜୀବନୀର ଏପରି ଏକ କୌଣସି ଦିଗ ନାହିଁ ଯେଉଁଠାରେ ଏଭଳି ଆଦର୍ଶ ପ୍ରଦର୍ଶନ କରିନଥିବେ । ସେ ଜ୍ଞାନମୁଳକ ହେଉ କି ବ୍ୟବହାରିକ ହେଉ କିମ୍ବା ସତ୍ୟତାର ସ୍ତର ଓ ଅବିଚଳତା ମଧ୍ୟ ଓ ଶିକ୍ଷା ଏବଂ ପରିଚୟର ଗ୍ରନ୍ଥାଘର ସେ ସବୁଥିରେ ଆଦର୍ଶ ଥିଲେ । ସେ ପୁରୁଷୋତମର ଆଖ୍ୟା ପାଇପାରିଥିଲେ ।

ପୂନଶ୍ଚ କହିଲେ ଯେ ସେହି ପୁରୁଷ ଯିଏ ସର୍ବାଧିକ ପୁର୍ଣ୍ଣ ଓ ପୁରୁଷୋତମ ଥିଲେ ଓ ସର୍ବୋତମ ନବୀ ଥିଲେ । ସମ୍ପୁର୍ଣ୍ଣ ବର୍‌କତ୍ ସହିତ ସଂସାରକୁ ଆସିଥିଲେ ଯାହାଙ୍କ ଆଧାତ୍ମିକ ଆଗମନ ଦ୍ୱାରା ମହାପ୍ରଳୟ ଅର୍ଥାତ ଜାଗତିକ ମହାବିପ୍ଳବ ଯୋଗୁଁ ଜଗତରେ ପ୍ରଥମ ମହା ପ୍ରଳୟ ପ୍ରକାଶ ପାଇଥିଲା ଏବଂ ତାହାଙ୍କ ଆଗମନ ଯୋଗୁଁ ଯୁଗ ଯୁଗ ଧରି ଶୁଷ୍କ ରହିଥିବା ଜଗତ ମଧ୍ୟ ଜୀବିତ ହୋଇଉଠିଥିଲା । ସେହି ପବିତ୍ର ନବୀ ହଜ୍‌ରତ୍ ଖାତମୁଲ୍ ଅମ୍ବିୟା ଇମାମୁଲ୍ ଅସ୍‌ଫିୟା ରସୁଲ୍‌ଙ୍କ ମୋହର, ନବୀମାନଙ୍କ ଗର୍ବ, ମହାମାନ୍ୟ ମୁହମ୍ମଦ ମୁସ୍ତଫା ସ:ଆ:ସ ଅଟନ୍ତି । ହେ ପ୍ରୀୟ ଈଶ୍ୱର ସେହି ପ୍ରୀୟ ନବୀ ଉପରେ କୋଟି କୋଟି ଦୟା ଅବତୀର୍ଣ୍ଣ କରନ୍ତୁ ଏବଂ ଦରୁଦ୍ ପ୍ରେରଣ କରନ୍ତୁ । ଯାହାକି ସୃଷ୍ଟିର ପ୍ରାରମ୍ଭରୁ କୌଣସି ବ୍ୟକ୍ତି ଉପରେ ଦରୁଦ୍ ପ୍ରେରଣ କରିନଥିବ । ସୁତରାଂ ଏହି ମହାମାନ୍ୟ ନବୀ ଯଦି ସଂସାରକୁ ନ ଆସିଥାନ୍ତେ ତାହେଲେ ଯେଭଳି ଛୋଟ ଛୋଟ ନବୀମାନେ ଭୁପୃଷ୍ଠକୁ ଆସିଥିଲେ ବା ଆବିର୍ଭୁତ ହୋଇଥିଲେ ଅର୍ଥାତ ହଜ୍‌ରତ୍ ୟୁନୋସ୍, ଆୟୁବ୍, ଇଶା, ମଲାକି, ୟହିୟା ଏବଂ ଜକ୍‌ରିୟା ଆଦିଙ୍କ ପରି ନବୀମାନଙ୍କ ସତ୍ୟତାର କୌଣସି ପ୍ରମାଣ ଆମମାନଙ୍କ ନିକଟରେ ନଥିଲା । ଯଦିଓ ସମସ୍ତେ ଅଲ୍ଲାଃ ତାଲାଙ୍କ ନିକଟବର୍ତୀ ଓ ପ୍ରୀୟ ନବୀ ଥିଲେ । ଏହା ସେହି ନବୀ ସିରୋମଣିଙ୍କର ଉପକାର ଯେ ସେ ହିଁ ଏହି ନବୀମାନଙ୍କୁ ସମ୍ମାନ ପ୍ରଦାନ କରିଥିଲେ ଏବଂ ହଜୁର ସ:ଆ:ସଙ୍କ ଯୋଗୁଁ ଏମାନେ ପୃଥିବୀରେ ସତ୍ୟବାଦୀ ନବୀ ବୋଲି ପ୍ରମାଣିତ ହୋଇଥିଲେ । **"ଅଲ୍ଲାହୁମ୍ମା ସଲ୍ଲି ୱ ସଲ୍ଲିମ୍ ୱ ବାରିକ୍ ଆଲୈହେ ୱ ଆଲିହି ୱ ଅସ୍‌ହାବିହି ଅଜ୍‌ମଇନ୍ ୱ ଆଖିରୁ ଦାଓ୍ୱାନା ଅନିଲ ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମୀନ୍"** (ଇତ୍‌ମାମୁଲ୍ ହୁଜାଃ, ରୁହାନି ଖଜାଇନ୍ ଖଣ୍ଡ-୮, ପୃ-୩୦୮) ଅଲ୍ଲାଃ ତାଲା ଆମମାନଙ୍କୁ ସର୍ବଦା ହଜୁର

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

***ତାଲିବେ ଦୁଆ:** Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ସ:ଆ:ସଙ୍କ ପ୍ରକୃତ ମର୍ଯ୍ୟାଦା ଓ ସମ୍ମାନକୁ ହୃଦୟଙ୍ଗମ କରିବାକୁ ସାମର୍ଥ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ହଜୁର ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଅଲ୍ଲାଃ ତାଲାଙ୍କ ଆଗରେ ପୂର୍ବାପେକ୍ଷା ଅଧିକ ଆନତ ହେବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ଏହା ହିଁ ସେହି କୌଶଳ ଯାହାକୁ ଆମେମାନେ ନିଜର ବ୍ୟବହାର ମାଧମରେ ହଜୁର ସ:ଆ:ସଙ୍କ ପ୍ରେମକୁ ସାବ୍ୟସ୍ତ କରିବା ସପକ୍ଷ ହୋଇପାରିବା ତଥା ନିଜ ହୃଦୟରେ ଏହାକୁ ସ୍ଥାନିତ କରାଇବା ତାହେଲେ ଆମେମାନେ ବିରୋଧିଙ୍କ ମୁକାବିଲାରେ ଉତର ଦେବାରେ ସକ୍ଷମ ହୋଇପାରିବା ଅର୍ଥାତ ଆମମାନଙ୍କ ବ୍ୟବହାରିକ ଆଚରଣ ଓ ଅବସ୍ଥା ସେହି ବିରୋଧିମାନଙ୍କୁ ଯଥୋଚିତ ଉତର ଦେଇପାରିବ । ଏଥିନିମନ୍ତେ ଅଲ୍ଲାଃ ତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍..

⌘⌘⌘⌘⌘⌘⌘⌘⌘⌘

## ଓଡ଼ିଆ ବଦର ସଂଖ୍ୟା ୩୫-୩୬ରେ ପ୍ରଦତ ଖୁତ୍‌ବା ଜୁମା ୨୪ ଜୁଲାଇ ୨୦୨୦ ଅବଶିଷ୍ଟାଂଶ

ସେ ଯାହା ହେଉ ନା କାହିଁକି ତାଙ୍କ ଜୀବନର ଅବିଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମି ଖୁତ୍‌ବାରେ ମୁଁ ଆଲୋଚନା କରିବି ।

ବତର୍ମାନ ମୁଁ କେତେକ ମୃତକଙ୍କ ଯନାଜାଃ ଚର୍ଚ୍ଚା କରିବି । ତନ୍ମଧ୍ୟରୁ ପ୍ରଥମ ଯନାଜାଃ ହେଉଛି ସମ୍ମାନୀୟ ସ୍ୱର୍ଗତ ବୁସ୍‌ରା ଅକ୍‌ରମ୍ ସାହେବା ପତ୍ନୀ ମୋହମ୍ମଦ ଅକ୍‌ରମ୍ ବାଜୱା ସାହେବ ତାଲିମୁଲ୍ କୁର୍‌ଆନ୍ ୱକ୍‌ଫେ ଆର୍ଜି ନାଜିର ସାହେବଙ୍କର । ୨୦୨୦ ମସିହା ମାର୍ଚ୍ଚ ମାସ ୨୫ ତାରିଖ ଦିନ ତାଙ୍କର ବିୟୋଗ ହୋଇଥିଲା *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* ପ୍ରତିକୁଳ ପରିସ୍ଥିତି ଯୋଗୁଁ ସେତେବେଳେ ତାଙ୍କର ନମାଜ ଯନାଜାଃ ପଢ଼ାଯାଇନଥିଲା । ସ୍ୱଗର୍ତ ଅଲ୍ଲାଃ ତାଲାଙ୍କ ଦୟାରୁ ମୁସିୟା ଥିଲେ । ତାଙ୍କର ସନ୍ତାନମାନଙ୍କ ମଧ୍ୟରେ ଦୁଇ ପୁତ୍ର ଓ ଗୋଟିଏ ପୁତ୍ରୀ ରହିଛନ୍ତି । ବୁସ୍‌ରା ଅକ୍‌ରମ୍ ସାହିବା ନିଜ ସ୍ୱାମୀ ଶ୍ରୀମାନ୍ ମୁହମ୍ମଦ ଅକ୍‌ରମ୍ ବାଜ୍‌ୱା ସାହେବଙ୍କ ସହିତ ୧୫ ବର୍ଷ ଲାଇବେରିଆରେ ରହିଥିଲେ । ସେହି ସମୟରେ ସଦର୍ ଲଜ୍‌ନା ଇମାଉଲ୍ଲା ଲାଇବେରିଆ ରୂପେ ଦାୟିତ୍ୱ ବହନ ମଧ୍ୟ କରିଥିଲେ ଏବଂ ସେବା ସମ୍ପାଦନ କରିଥିଲେ । ଲାଇବେରିଆରେ ଗୃହ ଯୁଦ୍ଧ ଲାଗି ରହିଥିବା ସମୟରେ ନିଜ ସ୍ୱାମୀ ଓ ସନ୍ତାନ ସମେତ ୧୫ ଦିନ ଧରି ଆର୍ମିର ବ୍ୟାରେକ୍‌ରେ ଥିବା ହାଜତ ଅଧିନରେ ରହିଥିଲେ । ମୁହମ୍ମଦ ଅକ୍‌ରମ୍ ବାଜୱା ସାହେବ ଉଲ୍ଲେଖ କରନ୍ତି ଯେ ସ୍ୱର୍ଗତା ମୋ ପରି ଜଣେ ୱକ୍‌ଫେ ଜିନ୍ଦଗୀ ସହିତ ଦୀର୍ଘ ୩୭ ବର୍ଷ ଅତ୍ୟନ୍ତ ନିଷ୍ଠା, ଧୈର୍ଯ୍ୟ ଓ ବିଶ୍ୱସ୍ତତାର ସହିତ ଜୀବନ ଅତିବାହିତ କରିଥିଲେ । ବିଶେଷ କରି ବିନିତ ଯେତେବେଳେ ଲାଇବାରିଆରେ ଜଣେ ମୁବଲିଗ୍ ରୂପେ ନିଯୁକ୍ତ ହୋଇଥିଲେ ଏବଂ ଅମୀର୍ ଯମାତ୍ ଭାବରେ ମଧ୍ୟ ଦୀର୍ଘ ୨୩ ବର୍ଷ ପର୍ଯ୍ୟନ୍ତ ଅବସ୍ଥାନର ସମୟକାଳରେ ତବ୍‌ଲିଗ୍ ତର୍‌ବିୟତର ପ୍ରସଙ୍ଗରେ ସେ ମତେ ସାହାଯ୍ୟ ସହଯୋଗ କରିଥିଲେ । ଅତିଥିମାନଙ୍କର ସତ୍କାର କରିବା ଅନ୍ୟ ଯମାତି ବିଷୟରେ ବେଶ୍ ସହଯୋଗ କରିଥିଲେ । ତାଙ୍କୁ ସଦର ଲଜ୍‌ନା ଲାଇବେରିଆ ଭାବରେ ମଧ୍ୟ ସେବାସମ୍ପାଦନ କରିବାର ସୁଯୋଗ ଲାଭ ହୋଇଛି । ଲାଇବେରିଆରେ ସ୍ୱର୍ଗତା ନିଜର ୧୫ ବର୍ଷ ଅବସ୍ଥାନ କାଳରେ ଅନେକଥର ମେଲେରିଆ ଓ ଟାଇଫଏଡ୍ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ ତଥାପି ସେ ବିନିତ ସହିତ ଅତ୍ୟନ୍ତ ଧୈର୍ଯ୍ୟ ଓ ନିର୍ଭିକତାର ସହିତ ପାଦରେ ପାଦ ମିଶାଇ ଚାଲିଥିଲେ । ସ୍ୱର୍ଗତା ନିଜ ସନ୍ତାନମାନଙ୍କର ଉତମ ରୁପେ ଲାଳନପାଳନ କରି ସେମାନଙ୍କୁ ଉତମ ସଂସ୍କାର ଦେଇଥିଲେ । ତାଙ୍କର ଦୁଇପୁତ୍ର ଅତ୍ୟନ୍ତ ବିଶ୍ୱସ୍ଥତାର ସହିତ ଯମାତ୍ ସହିତ ସଂଶ୍ଲିଷ୍ଟ ଅଛନ୍ତି ।

ସେହିପରି ଜଣେ ୱକ୍‌ଫେ ଜିନ୍ଦଗୀ ଅଛନ୍ତି ସେ ହେଉଛନ୍ତି ସମ୍ମାନୀୟ ମନ୍‌ସୁର୍ ନାଶିର୍ ସାହେବ ଯିଏ କି ସେଠାର ବୋଧ ହୁଏ ହାଇସ୍କୁଲ୍‌ର ପ୍ରିନିସ୍‌ପାଲ୍ ଅଛନ୍ତି । ସେ ଉଲ୍ଲେଖ କରନ୍ତି ଯେ, କ୍ରମାଗତ ତିନିବର୍ଷ ପର୍ଯ୍ୟନ୍ତ ଲାଇବେରିଆରେ ଯେତେବେଳେ ଏକୁଟିଆ ସ୍ୱର୍ଗତାଙ୍କ ଘରେ ରହିଥିଲେ ସେତେବେଳେ ସ୍ୱର୍ଗତା ମତେ ନିଜ ଘରେ ରଖିଲେ ଏବଂ ଆଶ୍ରୟ ଦେଇ ମୋର ଅତିଥି ସେବା କରିଥିଲେ ଏବଂ ମତେ ନିଜ ସନ୍ତାନ ପରି ଲାଳନପାଳନ କରିଥିଲେ ଏବଂ ଛୋଟ ଭାଇ ପରି ନିଜ ଘରେ ସ୍ଥାନ ଦେଇଥିଲେ । ଅଲ୍ଲାଃ ତାଲା ତାଙ୍କ ସନ୍ତାନଙ୍କୁ ମଧ୍ୟ ତାଙ୍କ ଦୁଆର ପାତ୍ର ଓ ଉତରାଧିକାରୀ କରନ୍ତୁ । ତଥା ତାଙ୍କ ପୂଣ୍ୟବଳୀଗୁଡ଼ିକୁ ଅଭ୍ୟାହତ ରଖିବା ପାଇଁ ସେମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ତାଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନୀୟ ସ୍ୱର୍ଗତ ଇକ୍‌ବାଲ୍ ଅହ୍‌ମଦ୍ ନାଶିର୍ ପିର୍‌କୋଟୀଙ୍କର । ଯିଏ କରୋଣ୍ଡି ଜିଲ୍ଲା ଅନ୍ତର୍ଗତ ଖୈର୍ ପୁର ଅଧିବାସୀ ଥିଲେ ଚଳିତମାସ ଅର୍ଥାତ ଜୁଲାଇ ୧୪ ତାରିଖ ଦିନ ୮୨ ବର୍ଷ ବୟସରେ ତାଙ୍କର ନିଧନ ହୋଇଥିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* ତାଙ୍କ ପୁତ୍ର ଅକ୍‌ବର୍ ଅହ୍‌ମଦ୍ ତାହେର୍ ସାହେବ୍ ବୁରକିନା ଫାସୋରେ ମୁବଲ୍ଲିଗ୍ ଅଛନ୍ତି । ସେ ଉଲ୍ଲେଖ କରନ୍ତି ଯେ, ଇକ୍‌ବାଲ୍ ଅହ୍‌ମଦ୍ ସାହେବ୍ ସମ୍ମାନୀୟ ମିଆଁ ନୁର୍ ମୁହମ୍ମଦ ସାହେବଙ୍କ ସୁପୁତ୍ର ଥିଲେ ଯିଏ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ଥିଲେ । ମିଆଁ ନଇମୁଦ୍ଦିନ୍ ସାହେବ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବିଙ୍କ ପୌପୁତ୍ର ଥିଲେ ଏବଂ ମିଆଁ ପିର୍ ମୁହମ୍ମଦ ସାହେବ୍ ଓ ସମ୍ମାନୀୟ ହାଫିଜ୍ ମୁହମ୍ମଦ ଇସ୍‌ହାଖ୍ ସାହେବ୍ ଯିଏ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ଥିଲେ, ସେ ତାଙ୍କର ପୁତୁରା ଥିଲେ । ସେ ଯମାତ୍‌ର କାର୍ଯ୍ୟରେ ଆଗକୁ ବଢ଼ି ଭାଗ ନେଉଥିଲେ । ତାଙ୍କୁ ଦୀର୍ଘ ସମୟ ଧରି ସେକ୍ରେଟରୀ ମାଲ୍ ରୂପେ ସେବା ସମ୍ପାଦନ କରିବାର ସୁଯୋଗ ପ୍ରାପ୍ତ ହୋଇଥିଲା । ସେ ଜଇମ୍ ଅନ୍‌ସାରୁଲ୍ଲା ମଧ୍ୟ ରହିଥିଲେ ଏବଂ ଇମାମୁସ୍ ସଲାତ୍‌ର ଭାର ମଧ୍ୟ ବହନ କରିଥିଲେ । ସେ ଅତ୍‌ଫାଲ୍ ମାନଙ୍କର ମଧ୍ୟ ସେବା କରୁଥିଲେ । ସେ କୁହନ୍ତି ଯେ, ଶୈଶବ ଅବସ୍ଥାରେ ମୁଁ ତାଙ୍କୁ ଦେଖି ଅଛି ଯେ, ସେ ଏକ ଡ଼ବାରେ ପଇସା ସବୁ ଅଲଗା ଅଲଗା ରଖୁଥିଲେ ଏବଂ ତାଙ୍କୁ ପଚାରିବାରୁ ସେ କହିଥିଲେ ଯେ ମୁଁ ଏହି ପଇସା ସହ ଚାନ୍ଦାର ପଇସା ମଧ୍ୟ ଅଲଗା ଅଲଗା କରି ରଖୁଛି କାରଣ ମୁଁ ଚାନ୍ଦା ଯେପରି ଯଥା ସମୟରେ ପଇଠ କରିପାରିବି । ସେ ଅତ୍ୟନ୍ତ ଉତ୍ସାହ ଓ ରୁଚିପୂର୍ଣ୍ଣ ରୂପେ ତବ୍‌ଲିଗ୍ କରୁଥିଲେ । ତାଙ୍କ ଦ୍ୱାରା ଅନେକ ପୂଣ୍ୟଆତ୍ମା ବ୍ୟକ୍ତି ଯମାତ୍ ଅହେମଦୀୟାରେ ସାମିଲ ହୋଇଛନ୍ତି । ସେ ବହୁତ ଦୁଆ କରୁଥିଲେ ଓ ନିୟମିତ ନମାଜ ପାଠ କରୁଥିଲେ ଏବଂ ନିୟମିତ ରୋଜା ରଖୁଥିଲେ । ତହ୍‌ଯୁଦ୍ ମଧ୍ୟ ପାଠ କରୁଥିଲେ । ଯେତେବେଳେ ସେ ବୁର୍‌କିନା ଫାସୋରେ ଥିଲେ, ସେ କୁହନ୍ତି ମୋର ଅଝଟପଣ ଯୋଗୁଁ ସେ ୨୦୧୬ ମସିହାରେ ବୁର୍‌କିନା ଫାସୋରେ ଆସିଥିଲେ ଏବଂ ସେହି ସମୟରେ ଯମାତ୍‌ର ଯେତେ ସବୁ ଜଲ୍‌ସା ଓ ଇସ୍ତେମା ହୋଇଥିଲା ସେଥିରେ ସେ ଅଂଶ ଗ୍ରହଣ ମଧ୍ୟ କରିଥିଲେ । ଅତ୍ୟନ୍ତ ଉତ୍ସାହପୂର୍ଣ୍ଣ ଭାବରେ ସ୍ଲୋଗାନ ଦେଉଥିଲେ ଯାହାକୁ ଶୁଣି ଉପସ୍ଥିତ ଶ୍ରୋତାଙ୍କର ଉତ୍ସ୍ମ ହୋଇଉଠୁଥିଲା କାରଣ ପାକିସ୍ତାନରେ ଦୀର୍ଘ ସମୟ ଧରି ଜଲ୍‌ସା ହେବା ବନ୍ଦ ରହିଥିଲା ଏବଂ ଏହାର ପିପାସା ସେମାନଙ୍କ ମନରେ ଭରି ରହିଥିଲା । ମୃତକଙ୍କ ପରିବାର ମଧ୍ୟରେ ତାଙ୍କର ଧର୍ମପତ୍ନୀ ବଶିରା ବେଗମ୍ ସାହିବାଙ୍କ ବ୍ୟତିତ ତିନି ପୁତ୍ର ଓ ତିନି କନ୍ୟା ସନ୍ତାନ ରହିଛନ୍ତି ।

ବୁର୍‌କିନା ଫାସୋର ମେଶିନାରୀ ଇନଚାର୍ଜ ସାହେବ ଉଲ୍ଲେଖ କରିଛନ୍ତି ଯଦିଓ ତାଙ୍କୁ ଭାଷା ସମସ୍ୟା ରହିଥିଲା କିନ୍ତୁ ଯେତେବେଳେ ସେ ବୁରକିନା ଫାସୋ ଆସିଥିଲେ ସେତେବେଳେ ସେଠାରେ ଫ୍ରେଂଚ ଭାଷାର ପ୍ରଚଳନ ରହିଥିଲା କିନ୍ତୁ ତାଙ୍କର ପ୍ରେମମୁଳକ ଭାଷାକୁ ପ୍ରତ୍ୟେକ ବ୍ୟକ୍ତି ମର୍ମେ ମର୍ମେ ଅନୁଭବ କରୁଥିଲା ଏବଂ ସେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏତେ ଆନ୍ତରକିତାର ସହିତ ସାକ୍ଷାତ କରୁଥିଲେ ଯେ ପ୍ରତ୍ୟେକ ବ୍ୟକ୍ତି ତାଙ୍କ ପ୍ରତି ଆଶକ୍ତଭାବ ପ୍ରଦର୍ଶନ କରୁଥିଲା । ତାଙ୍କର ବିୟୋଗରେ ଏଠାକାର ସ୍ଥାନୀୟ ଲୋକମାନେ ତାଙ୍କ ସମ୍ପର୍କରେ ଅତ୍ୟନ୍ତ ପ୍ରେମଭରା ଚର୍ଚ୍ଚା କରିଥିଲେ । ମୁବ୍‌ଲିଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ଆମ ପ୍ରଶାସନ ସଂସ୍ଥାର ଜାତୀୟ ସେକ୍ରେଟାରୀ ବାପିନା ସାହେବ୍ ତାଙ୍କ ବିୟୋଗ ପରେ ତାଙ୍କର ଫଟୋ ଶେୟାର କଲେ ଏବଂ ଉଲ୍ଲେଖ କରିଛନ୍ତି ଯେ ବୁର୍‌କିନା ଫାସୋଠାରେ ଅବସ୍ଥାନ କାଳରେ ମୁଁ ଯେତେବେଳେ ତାଙ୍କୁ ସାକ୍ଷାତ କରିଥିଲି ସେତେବେଳେ ମୁଁ ତାଙ୍କୁ ଜଣେ ପ୍ରକୃତ ଓ ମହାନ୍ ଅହେମଦୀ ରୂପେ ଦେଖିବାକୁ ପାଇଥିଲି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ସ୍ତରକୁ ଉନ୍ନିତ କରି ତାଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରନ୍ତୁ ଏବଂ ତାଙ୍କ ସନ୍ତାନ ସନ୍ତତିଙ୍କୁ ତାଙ୍କ ଦୁଆର ଉତରାଧିକାରୀ ହେବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ତାଙ୍କ ପୁତ୍ର ଯିଏ କି ବୁର୍‌କିନା ଫାସୋରେ ମୁବଲିଗ୍ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି । ନିଜ ପିତାଙ୍କ ବିୟୋଗ ଓ ଅନ୍ତିମ ସଂସ୍କାରରେ ସାମିଲ ହୋଇପାରିନଥିଲେ ।

ତୃତୀୟ ଯନାଜାଃ ହେଉଛି ଗୁଲାମ୍ ଫାତିମା ଫହ୍‌ମିଦାଃ ସାହିବାଙ୍କର ଯିଏକି ଶ୍ରୀମାନ ମୁହମ୍ମଦ ଇବ୍ରାହିମ୍ ସାହେବଙ୍କର ଧର୍ମପତ୍ନୀ ଥିଲେ । ଦୋଲିୟାଦ୍ ଜଟାଂ ଜିଲ୍ଲା କୋଟଲି ଅଧିନ କାଶ୍ମୀର୍‌ର ବାସିନ୍ଦା ଥିଲେ । ଦୀର୍ଘ ଦିନ ଧରି ଅସୁସ୍ଥତା ଯୋଗୁଁ ଚଳିତମାସ ୧୮ ତାରିଖ ଦିନ ୭୨ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ୧୯୪୪ ମସିହାରେ ତାଙ୍କର ପିତା ବୟତ କରିଥିଲେ । ତାଙ୍କ ପିତାଙ୍କ ନାମ ନେକ୍ ମୁହମ୍ମଦ ଓରଫ୍ କାଲେଖାନ୍ ଥିଲା ଏବଂ ବୟତ ପୂର୍ବରୁ ସେ ସ୍ୱପ୍ନ ଦେଖିଥିଲେ ଯେ, ସେ କୌଣସି ସନ୍ଥଙ୍କୁ ଭେଟିବାକୁ ଯାଉଛନ୍ତି । ଯେତେବେଳେ ମୁଁ ଅତାର୍ଥ ସେ ସେହି ସନ୍ଥଙ୍କୁ ଭେଟିଲେ ସେତେବେଳେ ତାଙ୍କୁ ଆଲିଙ୍ଗନ କରିବାପାଇଁ ତାଙ୍କ ଆଡ଼କୁ ଦଉଡ଼ିଲେ ଏବଂ ତାଙ୍କୁ ଆଲିଙ୍ଗନ ମଧ୍ୟ କରିଥିଲେ । ସେହି ସନ୍ଥ ତାଙ୍କୁ କହିଲେ ଯେ, କାଲେଖାନ୍ ସାହେବ୍ ଆପଣ କେବେ ଆମ ପାଖକୁ ଆସୁଛନ୍ତି । ସେତେବେଳେ ସେ ଉତର ଦେଲେ ଯେ, ଆଜ୍ଞା ମୁଁ ତ ଆସିଯାଇଛି । ତେବେ ସେ କୁହନ୍ତି ଯେତେବେଳେ ମୁଁ ଜଣେ ବ୍ୟକ୍ତିଙ୍କ ନିକଟରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନିଙ୍କର ଫଟୋ ଦେଖିଲି ସେତେବେଳେ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ: Abdul Chand & Family,*
*Jamat Ahmadiyya, Kerang (Odisha)*

କହିଲି ଯେ, ହଁ ମୁଁ ସ୍ୱପ୍ନରେ ଏହି ସନ୍ଥ ଆତ୍ମାଙ୍କୁ ଦେଖିଥିଲି ଏବଂ ସେ ଡ଼ାକ ଯୋଗେ ପତ୍ର ବିନିମୟରେ ବୟତ କରିଥିଲେ ଏବଂ ତାଙ୍କ ବୟତ ପରେ ତାଙ୍କ ସ୍ତ୍ରୀ ମଧ୍ୟ କହିଲେ ଯେ, ମୋ ସ୍ୱାମୀଙ୍କ ସଙ୍ଗେ ମୋର ବୟତ ମଧ୍ୟ କରାଇଦିଅନ୍ତୁ । ଏପରି ତାଙ୍କ ପତ୍ନୀ ମଧ୍ୟ ବୟତ କରିନେଇଥିଲେ । ଉଭୟ ଦମ୍ପତି ଅତ୍ୟନ୍ତ ନୈଷ୍ଠିକ ଅହେମଦୀ ଥିଲେ । ସେହିପରି ତାଙ୍କର ସୁପୁତ୍ରୀ ଫାମିଦା ଫାତିମା ସାହେବାଙ୍କର ମଧ୍ୟ ଅକାଳ ବିୟୋଗ ଘଟିଛି ସୁତରାଂ ତାଙ୍କର ମାତାଙ୍କ ସଂସ୍କାରର ପ୍ରଭାବ ଏତେ ରହିଥିଲା ଯେ, ସ୍ୱର୍ଗତ ଫାମିଦା ଫାତିମା ସାହିବା ମଧ୍ୟ ପାଂଚବେଳା ନମାଜି ଏବଂ ତହ୍‌ଯୁଦ୍ ପ୍ରୀୟ ମହିଳା ଥିଲେ । ନିୟମିତ ଭାବରେ ଖିଲାଫତ୍ ତଥା ପବିତ୍ର କୁରାନ୍‌ର ତିଲାଓ୍ୱତ୍ କରୁଥିଲେ ଏବଂ ନିଜ ସନ୍ତାନମାନଙ୍କୁ ଅନେକ ସମୟରେ ରାତିରେ ଯାଗ୍ରତ କରାଇ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ କାକୁତିମିନତି ହେବାପାଇଁ ପ୍ରୋତ୍ସାହିତ କରୁଥିଲେ । ନମାଜ ଜୁମାପାଇଁ ସେତେବେଳେ ମହିଳାମାନଙ୍କୁ ନମାଜ ପଢ଼ିବାପାଇଁ ଅନୁମତି ରହିଥିଲା ସେତେବେଳେ ସେ ନମାଜ ଜୁମା ପାଇଁ ଏକ ଘଂଟା ପୂର୍ବରୁ ମସ୍‌ଜିଦ୍‌କୁ ଚାଲିଆସୁଥିଲେ ଏବଂ ନୌଫିଲ୍ ଓ ଦୁଆରେ ସମୟ ବ୍ୟତିତ କରୁଥିଲେ । ସେ ଜଣେ ଅତ୍ୟନ୍ତ ସାହାସି, ଉତ୍ସାହି ଓ ଧୈର୍ଯ୍ୟ ପ୍ରଦର୍ଶନକାରୀ ମହିଳା ସୁପରିଚିତ ଥିଲେ । ତାଙ୍କ ସ୍ୱାମୀ ୧୯୬୫ ଓ ୧୯୭୧ ମସିହାରେ ଯୁଦ୍ଧରେ ଦୁଇଥର ବନ୍ଦି ଅର୍ଥାତ କାରାବରଣ ଭୋଗ କରିଥିଲେ । ପ୍ରଥମ ଯୁଦ୍ଧରେ ସେ ଦୀର୍ଘକାଳ ପର୍ଯ୍ୟନ୍ତ କାରାବରଣ ଭୋଗ କରିଥିଲେ ଏବଂ ତାଙ୍କର ଜୀବିତ ହେବା ସମ୍ପର୍କରେ କୌଣସି ସୁଚନା ନଥିଲା କିନ୍ତୁ ତାଙ୍କ ପତ୍ନୀ ଏହି ବିଶ୍ୱାସ ରଖିଥିଲେ ଯେ, ମୋ ସ୍ୱାମୀ ନିଶ୍ଚିତ ଫେରିଆସିବେ । ପରିଶେଷରେ ଅଲ୍ଲାଃ ତାଲାଙ୍କ କୃପାରୁ ତାଙ୍କ ସ୍ୱାମୀ କାରାମୁକ୍ତ ହୋଇଥିଲେ ଏବଂ ଘରକୁ ଫେରିଥିଲେ । ସ୍ୱର୍ଗତାଙ୍କ ପରିବାରରେ ତାଙ୍କ ସ୍ୱାମୀ ସମ୍ମାନୀୟ ମୁହମ୍ମଦ ଇବ୍ରାହିମ୍ ସାହେବ୍‌ଙ୍କ ବ୍ୟତିତ ଚାରିଜଣ ପୁତ୍ର ଓ ଦୁଇଜଣ ପୁତ୍ରୀ ସନ୍ତାନ ଅଛନ୍ତି । ସ୍ୱର୍ଗତାଙ୍କ ତିନିପୁତ୍ର ଓ୍ୱକ୍‌ଫେ ଜିନ୍ଦଗୀ ସେମାନେ ହେଲେ ମୁହମ୍ମଦ ଜାବେଦ୍ ସାହେବ ଯିଏକି ଜାମ୍ବିୟାଠାରେ ମୁବଲିଗ୍ ସିଲ୍‌ସିଲା ରୂପେ ସେବାରତ ରହିଛନ୍ତି । ମାତାଙ୍କ ବିୟୋଗ ଯୋଗୁଁ ସେ ପାକିସ୍ତାନ ଯାଇପାରିନାହାନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନିତ କରନ୍ତୁ ଏବଂ ତାଙ୍କ ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୂଣ୍ୟବଳୀଗୁଡ଼ିକୁ ବଜାୟ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନୀୟ ସ୍ୱର୍ଗତ ମୁହମ୍ମଦ ଅହେମଦ୍ ଅନଓ୍ୱର୍ ସାହେବ୍ ହାଇଦ୍ରାବାଦିଙ୍କର ଯାହାଙ୍କର ମେ ମାସ ୨୨ ତାରିଖ ଦିନ ୯୪ ବର୍ଷ ବୟସରେ ଦେହାନ୍ତ ହୋଇଥିଲା *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ତାଙ୍କ ବଂଶରେ ଅହେମଦୀୟତ ତାଙ୍କର ଜେଜ୍ ଶ୍ରୀମାନ୍ ଶେଖ୍ ଦାଉଦ୍‌ଙ୍କ ମାଧ୍ୟମରେ ଆସିଥିଲା । ବୟସର ପ୍ରାରମ୍ଭିକ ପ୍ରଯ୍ୟାୟରେ ସେ ନିଜର ଦୁଇପୂତ୍ରଙ୍କୁ ଅର୍ଥାତ ମୁହମ୍ମଦ ଅହେମଦ୍ ସାହେବ୍ ଅନଓ୍ୱର୍ ଏବଂ ମଜିଦ୍ ଅହେମଦ୍ ସାହେବଙ୍କୁ ଶିକ୍ଷା ହାସଲ କରିବା ଉଦ୍ଦେଶ୍ୟରେ କାଦିୟାନ୍ ପଠାଇଥିଲେ । ଦୁହିଁଙ୍କୁ କାଦିୟାନ୍‌ରେ ମିନାରତୁଲ୍ ମସିରେ ଅଜାନ୍ ଦେବାର ସୌଭାଗ୍ୟ ମଧ୍ୟ ଅର୍ଜନ ହୋଇଥିଲା । ମୁହମ୍ମଦ ଅହେମଦ୍ ସାହେବ୍ ଆରମ୍ଭରୁ ହିଁ ସର୍ବଦା ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନିଙ୍କ ସାଥିରେ ରହିଥିଲେ ଏବଂ ଭାରତ ପାକିସ୍ତାନ ବିଭାଜନ ପରେ ହଜୁର ସ:ଆ:ସଙ୍କ ସାଥିରେ ରବୁଓ୍ୱା ଚାଲିଆସିଥିଲେ । ଏହାପରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅଙ୍କ ସହିତ ଡ୍ରାଇଭର ଅର୍ଥାତ ଗାଡ଼ିଚାଳନା ରୁପେ ତାଙ୍କର କର୍ମ ଜୀବନ ଆରମ୍ଭ କରିଥିଲେ । ପୁନଶ୍ଚ ନିଜର ଶିକ୍ଷା ସମାପ୍ତି ପରେ ଫିଜିକାଲ୍ ଏଜୁକେସନ୍‌ରେ ଡିପ୍ଲୋମା କରି ପୁନଶ୍ଚ ଉର୍ଦ୍ଦୁରେ ଏମ୍.ଏ ସ୍ନାତକତର ହାସଲ କରି ଇସ୍‌ଲାମୀୟତ୍‌ରେ ଏମ୍.ଏ ପାସ୍ କରିଥିଲେ ଏହାପରେ ସେ ତାଲିମୁଲ୍ ଇସ୍‌ଲାମ୍ କଲେଜ୍‌ରେ ଦୀର୍ଘ ସମୟ ଧରି ନିଜର କର୍ମମୟ ଜୀବନ ଅତିବାହିତ କରିଥିଲେ । ୧୯୭୩ ରୁ ୧୯୭୬ ମସିହା ପର୍ଯ୍ୟନ୍ତ ୩ବର୍ଷ ପାଇଁ ଓ୍ୱକ୍‌ଫ୍ କରି ଗାମ୍ବିୟା ଚାଲିଯାଇଥିଲେ । ୧୯୭୮ରୁ ୧୯୮୬ ମସିହା ପର୍ଯ୍ୟନ୍ତ ନାଇଜେରିଆରେ ମହିଳା ମହାବିଦ୍ୟାଳୟରେ ଇସ୍‌ଲାମିୟତ୍ ର ଶିକ୍ଷକ ରୂପେ ଦାୟିତ୍ୱ ତୁଲାଇଥିଲେ । ୧୯୮୮ ମସିହାରେ ପାକିସ୍ତାନରୁ ଜର୍ମାନୀକୁ ହିଜ୍‌ରତ୍ କରିଥିଲେ ଓ ୨୦୦୯ ମସିହାରେ ସେଠାରୁ ୟୁକେକୁ ସ୍ଥାନାନ୍ତରିତ ହୋଇଥିଲେ ଏବଂ ଏହିଠାରେ ହିଁ ସେ ନିଜର ଶେଷ ଜୀବନ ଅତିବାହିତ କରିଥିଲେ । ସ୍ୱର୍ଗତଙ୍କର ଚାରିଜଣ ପୁତ୍ର ଓ ଦୁଇଜଣ ପୁତ୍ରୀ ରହିଛନ୍ତି । ସେମାନେ ସମସ୍ତେ ବିବାହିତା, ଜର୍ମାନୀର କଜା ବୋର୍ଡ଼ରେ ସେ ଉପସଭାପତି ରୂପେ ଦାୟିତ୍ୱ ନିର୍ବାହ କରିଥିଲେ । ଜର୍ମାନୀର ଯମାତ୍‌ରେ ମଧ୍ୟ ଉପ ଅଡ଼ିଟର୍ ଭାବରେ ମଧ୍ୟ କିଛି କାଳ ରହିଥିଲେ । ସ୍ୱର୍ଗତଙ୍କ ସୁପୁତ୍ରୀ ଅମ୍‌ତୁଲ୍ ମଜିଦ୍ ସାହିବା କୁହନ୍ତି ଯେ ମୋର ପିତା ଦୁଆ ର ଗ୍ରନ୍ଥାଘର ଥିଲେ ସେ ନିଜ ଜୀବନ କାଳରେ ନମାଜ କୁର୍‌ଆନ୍ ରୋଜା ଓ ଖିଲାଫତ୍‌ର ସେବାକୁ ନିଜର ପରମଧର୍ମ ଭାବରେ ଗ୍ରହଣ କରିନେଇଥିଲେ ବରଂ ଆମମାନଙ୍କୁ ମଧ୍ୟ ଏହିପରି ହେବାକୁ ଉତ୍ସାହିତ କରୁଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନତି କରନ୍ତୁ ।

ଆଜିର ଶେଷ ଯନାଜାଃ ହେଉଛି ସ୍ୱର୍ଗତ ସଲିମ୍ ହସନ୍ ଜାବି ସାହେବଙ୍କର, ସେ ସିରିୟାର ଅଧିବାସୀ ଥିଲେ । ସେ ଗତ ଜୁନ୍ ମାସ ୩୦ ତାରିଖ ଦିନ ୯୨ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ତାଙ୍କର ସୁପୁତ୍ର ଲୁବ୍‌ନା ଅଲ୍ ଜାବି ସାହେବା ତାଙ୍କର ପୁତ୍ରୀ ହିବାବ୍ ଜାବି ସାହିବା ଯିଏ କି ୟୁକେରେ ଡ଼ାକ୍ତର ବିଲାଲ୍ ତାହେର୍ ସାହେବଙ୍କର ସହଧର୍ମୀଣି ଅଟନ୍ତି, ସେ କୁହନ୍ତି ସଲିମ୍ ଜାବି ସାହେବ୍ ୧୯୨୮ ମସିହାରେ ଦମିସ୍କରେ ଜନ୍ମଗ୍ରହଣ କରିଥିଲେ । ୧୮ ବର୍ଷ ବୟସରେ ଜାବି ସାହେବ୍ ଅହେମଦୀୟତ୍ ସହିତ ପରିଚିତ ହେଲେ । ସାଧାରଣ ଅହେମଦୀ ଚାଷୀ ସମ୍ମାନୀୟ ଅବୁ ଜହଦ୍ ସାହେବଙ୍କ ମାଧମରେ ସେ ଅହେମଦୀୟତ୍ ର ବାର୍ତ୍ତା ପାଇଥିଲେ । ଏହାପରେ ଜାବି ସାହେବ ଯେତେବେଳେ ଇସ୍ତେଖାରା କଲେ ସେତେବେଳେ ସ୍ୱପ୍ନରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଦେଖିଲେ ଏବଂ ସ୍ୱପ୍ନରେ ହିଁ ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ କରିଥିଲେ । ପରେ ଅବୁ ଜହଦ୍ ତାଙ୍କୁ ଇସ୍‌ଲାମି ଉସୁଲ୍‌କି ଫଲାସଫି ପୁସ୍ତକ ଆରବୀ ଭାଷାରେ ଯାହାକି ଅନୁବାଦ ହୋଇଥିଲା ପଢ଼ିବାକୁ ଦେଇଥିଲେ ଉକ୍ତ ପୁସ୍ତକରେ ଥିବା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଚିତ୍ରକୁ ଦେଖି ସେ ସେତିକିବେଳେ ଯମାତ୍ ଅହେମଦୀୟା ସିରିୟାର ଅମୀର୍ ସମ୍ମାନୀୟ ମୁନିର୍‌ଲ୍ ହସନ୍ ସାହେବଙ୍କ ପାଖକୁ ଯାଇ ବୟତ କରିଥିଲେ । ତାଙ୍କ ବଂଶଙ୍କ ପକ୍ଷରୁ ଅର୍ଥାତ ପରିବାର ପକ୍ଷରୁ ତାଙ୍କ ପିତାଙ୍କଠାରୁ ଏହାର ଘୋର ବିରୋଧ ହୋଇଥିଲା ଯେ ସେ କାହିଁକି ଅହେମଦୀୟତ ଧର୍ମ ଗ୍ରହଣ କରିନେଲେ କିନ୍ତୁ ସ୍ୱର୍ଗତ ଘୋର୍ ବିରୋଧ ସତ୍ୱେ ସ୍ୱଧର୍ମରେ ଅଟଳ ରହିଥିଲେ ପୁନଶ୍ଚ ତାଙ୍କୁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ କାଳରେ ପାକିସ୍ତାନ ଯିବାର ସୁଯୋଗ ମିଳିଥିଲା । ସେଠାରେ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ଅଧିନରେ ରବୁଓ୍ୱାଠାରେ ଛଅବର୍ଷ କାଳ ଅତିବାହିତ କରିଥିଲେ ଏବଂ ସେହିଠାରେ ହିଁ ଧାର୍ମିକ ଶିକ୍ଷା ଆହୋରଣ କରି ଉର୍ଦ୍ଦୁ ଭାଷା ମଧ୍ୟ ଶିଖିଥିଲେ । ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ଆଦେଶ କ୍ରମେ ପାକିସ୍ତାନରେ ହିଁ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ହଜୁର ର:ଅ ତାଙ୍କର ନିକାହ୍ ପଢ଼ାଇଥିଲେ । ତାଙ୍କର ସ୍ତ୍ରୀ ଜଣେ ପାକିସ୍ତାନୀ ମହିଳା ଥିଲେ । ସ୍ୱର୍ଗତାଙ୍କ ପୌପୁତ୍ରୀ ହିବା ଜାବି ସାହିବା ଉଲ୍ଲେଖ କରନ୍ତି ଯେ, ଆମର ଜେଜେବାପା ସର୍ବଦା ଆମମାନଙ୍କୁ ଉପଦେଶ ଦେଉଥିଲେ ଏବଂ ଶିକ୍ଷା ଓ ସଂସ୍କାର ପାଇଁ ସମୟ ଦେଉଥିଲେ ଓ ଆଧାତ୍ମିକ ଉନ୍ନତି ଓ ଖିଲାଫତ ସହିତ ସଂଶ୍ଲିଷ୍ଟ ରହିବାପାଇଁ ଗୁରୁତ୍ୱ ଦେଉଥିଲେ । ତାଙ୍କ ପତ୍ନୀଙ୍କ କିଛି ବର୍ଷ ପୂର୍ବେ ଦେହାନ୍ତ ହୋଇଯାଇଥିଲା । ତାଙ୍କର ୬ଜଣ ସନ୍ତାନ ରହିଛନ୍ତି ଜଣେ ପୁତ୍ର ନଇମଲ୍ ଜାବି ସାହେବ୍ ଡ଼ାକ୍ତର ଭାବରେ କାର୍ଯ୍ୟରତ । କିଛି ବର୍ଷ ପୂର୍ବେ ତାଙ୍କୁ ଅପହରଣ କରି ନିଆଯାଇଥିଲା । ବର୍ତ୍ତମାନ ସୁଦ୍ଧା ତାଙ୍କର କୌଣସି ଖୋଜ ଖବର ମିଳିନାହିଁ । ଓ୍ୱସିମ୍ ଜାବି ପୋଲାଣ୍ଡରେ ହିଁ ଯମାତ୍‌ର ସଦସ୍ୟ ରହିଛନ୍ତି ଏବଂ ସେ ହିବା ଜାବି ସାହିବାଙ୍କର ପିତା ଅଟନ୍ତି । ସେହିପରି ତାଙ୍କର ଦୁଇ ପୁତ୍ରୀ ଓ ଦୁଇ ପୁତ୍ର ସିରିୟାରେ ରହୁଛନ୍ତି । ହିବା ଜାବି ସାହିବା ମଧ୍ୟ ଏଠାରେ ଯମାତ୍‌ରେ ବିଶେଷ ଭାବରେ ପୁସ୍ତକ ଅନୁବାଦ କାର୍ଯ୍ୟରତ ଏବଂ ଭଲ ଭଲ ପରାମର୍ଶ କାର୍ଯ୍ୟରେ ନିୟୋଜିତ ରହିଛନ୍ତି । କିନ୍ତୁ ମିଆଁ ତାହେର୍ ବିଲାଲ୍ ସାହେବଙ୍କୁ ମଧ୍ୟ ଅନୁବାଦ କାର୍ଯ୍ୟରେ ସେ ସହଯୋଗ କରୁଛନ୍ତି । ଅଲ୍ଲାଃ ତାଲା ତାଙ୍କୁ ନିଷ୍ଠା ଓ ବିଶ୍ୱସ୍ତତାରେ ବର୍‌କତ୍ ପ୍ରଦାନ କରନ୍ତୁ ଏବଂ ତାଙ୍କର ବୁଦ୍ଧିଜ୍ଞାନକୁ ମଧ୍ୟ ଅଭିବୃଦ୍ଧି କରନ୍ତୁ ।

ତାଙ୍କର ସୁପୁତ୍ରୀ ଲୁବ୍‌ନା ଅବ୍‌ଦୁଲ୍ ଖବିର୍ ଜାବି ସାହିବା ଉଲ୍ଲେଖ କରନ୍ତି ଯେ, ଆମକୁ ପ୍ରଥା, ପରମ୍ପରା ଓ ବିଦତ୍‌କୁ ଅନୁସରଣ କରିବାପାଇଁ ସର୍ବଦା ବାରଣ କରୁଥିଲେ ଏବଂ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସ୍ଥାପନ ଓ ତବ୍‌ଲିଗ୍ କରିବାପାଇଁ ଉପଦେଶ ଦେଉଥିଲେ ସେ ଗରିବ ବ୍ୟକ୍ତିଙ୍କ ଉପରେ ବହୁଳମାତ୍ରାରେ ଅର୍ଥ ଖର୍ଚ୍ଚ କରୁଥିଲେ । ସ୍ୱର୍ଗତଙ୍କ ମାଧମରେ ଲବ୍‌ନାନ୍‌ରେ ଅନେକ ଲୋକେ ବୟତ କରିଛନ୍ତି । ସେହି ନୁତନ ଭାବରେ ବୟତ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅନେକ ବ୍ୟକ୍ତି ଖ୍ରୀଷ୍ଟଧର୍ମାଲମ୍ବୀ ଥିଲେ, ପୁନଶ୍ଚ କୁହନ୍ତି ଯେ ଆମମାନଙ୍କୁ ଶେଷ ଇଚ୍ଛା ପତ୍ର କରିଥିଲେ ଯେ, ଖିଲାଫତ୍ ସହିତ ସର୍ବଦା ସଂଶ୍ଲିଷ୍ଟ ରହିବ ଏବଂ ଉପସ୍ଥିତ ଖଲିଫାଙ୍କ ଉପଦେଶ ଉପଦେଶ ଉପରେ କାର୍ଯ୍ୟାନୁସରଣ କରିବ । ତବ୍‌ଲିଗ୍‌ରେ କେବେହେଲେ ଅବହେଳା କରିବନାହିଁ । ସର୍ବଦା କର୍ମକ୍ଷେତ୍ରରେ ଦୁଆ କରି କାମ କରିବ ଏବଂ ସତ୍‌ମାର୍ଗରେ କୌଣସି ଅନ୍ୟାୟକୁ ଭ୍ରୁକ୍ଷେପ କରିବନାହିଁ । ଲବ୍‌ନାନ୍‌ର ସଦର୍ ଯମାତ୍ ଉମର୍ ଅଲାମ୍ ସାହେବ୍ ଉଲ୍ଲେଖ କରନ୍ତି ଯେ, ଅହେମଦୀୟତ୍ ସହିତ ପରିଚିତ ପୂର୍ବରୁ ଆମେମାନେ ସ୍ୱର୍ଗତ ସଲିମ୍ ଜାବି ସାହେବାଙ୍କର ପୁସ୍ତକକୁ ପଢ଼ିଥିଲୁ ଏବଂ ତହିଁରୁ ଯୁଗାବତାର ହଜୁର ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ପାର୍ଦୁଭାବ ଏବଂ ତାହାଙ୍କ ଯମାତ୍‌ଆଡ଼କୁ ଇଙ୍ଗିତ ହେଉଥିଲା । ଯେତେବେଳେ ଆମେମାନେ ସେହି ସମସ୍ତ ପୁସ୍ତକଗୁଡ଼ିକୁ ପଢ଼ିସାରିଲୁ ସେତେବେଳେ ସେ ଆମମାନଙ୍କୁ କହିଲେ ଯେ, ହଜ୍‌ରତ୍ ମସିହ ମଉଦ୍ ଆ:ସ ଓ ତାହାଙ୍କ ଯମାତ୍ ବିଷୟରେ ଆପଣମାନଙ୍କୁ କୁହାଗଲା ଏବଂ ବୟତ କରିବାପାଇଁ କୁହାଗଲା ତେଣୁ ବୟତ କର । ଏହା ତାଙ୍କର ନିଜସ୍ୱ ଶୈଳୀ ଥିଲା ତଥା ସେ ଏହିଭଳି ଭାବରେ ପ୍ରଚାର କରୁଥିଲେ । କିନ୍ତୁ ସବୁ କ୍ଷେତ୍ରରେ ଏଭଳି କରିବା ଜରୁରି ନୁହେଁ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ଆସୁଛନ୍ତି ଏଥିରେ ସେକ୍ରେଟାରୀ ସାହେବ ବତାଇଲେ ଯେ, ପାର୍ଲାମେଂଟର ସେସନ୍ ବର୍ତମାନ ଜାରି ରହିଛି ତେଣୁ ସରକାରଙ୍କର ବିଭିନ୍ନ କାର୍ଯ୍ୟାଳୟ ଓ ବିଭାଗଗୁଡ଼ିକରୁ ଅତିଥିମାନେ ଆସିବେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହିଭଳି ପ୍ରୋଗ୍ରାମ ନିମନ୍ତେ ଯେଉଁ ତାରିଖ ରଖାଯାଉଛି ତାହା ସବୁକିଛି ଅନୁଧ୍ୟାନ କରିବା ପରେ ରଖିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣମାନଙ୍କର କେତେକ ଆଜାଇଲମ୍ କେସ୍ ଅଟକି ରହିଛି । ଏଗୁଡ଼ିକର ସମାଧାନ ଶିଘ୍ର କରନ୍ତୁ ଏଥିରେ ସେକ୍ରେଟାରୀ ସାହେବ କହିଲେ ଯେ, ସରକାର ନିଜର କେତେକ କାର୍ଯ୍ୟାଳୟରେ ଷ୍ଟାଫ୍ କମ୍ କରିଦେଇଥିଲେ ସେଥିଯୋଗୁଁ ବିଳମ୍ବ ହୋଇଗଲା । ଇନ୍‌ଶଅଲ୍ଲାଃ ଏବର୍ଷ ଯଥାଶିଘ୍ର ଏହି କେସ୍ ଗୁଡ଼ିକ ସମାଧାନ ହୋଇଯିବ ।

ନ୍ୟାସନାଲା ସେକ୍ରେଟାରି ସନ୍‌ଅତ୍ ଓ୍ୱ ତିଜାରତ୍‌ଙ୍କୁ ହଜୁର ଅନଓ୍ୱର ଅ:ବ:ଅ ନିର୍ଦ୍ଦେଶ ଦେଇ କହିଲେ ଯେ, ଏଠାକୁ ଆଜାଇଲମ୍ ପାଇଁ ଲୋକମାନେ ଆସିଛନ୍ତି ଓ କେତେକ ଲୋକେ ଇମିଗ୍ରେସନ ପାଇଁ ମଧ୍ୟ ଆସିଛନ୍ତି । ସେମାନଙ୍କ ସହିତ ମିଶି କାମ କରନ୍ତୁ । ଏହା ଦ୍ୱାରା ଆପୋଷରେ ସାହାଯ୍ୟ ମଧ୍ୟ ହୋଇଯିବ ।

ନ୍ୟାସନାଲ ସେକ୍ରେଟାରି ଓ୍ୱକଫେ ନୌ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନିଜ ରିପୋର୍ଟକୁ ଉପସ୍ଥାପନ କରି ବତାଇଲେ ଯେ, ବର୍ତମାନ ଓ୍ୱକଫେ ନୌ ବିଭାଗ ଅନ୍ତର୍ଗତ ୧୨୩ଜଣ ପୁଅ ଓ ୯୨ଜଣ ଝିଅ ଅଛନ୍ତି । ବର୍ତମାନ ୟୁନିଭର୍ସିଟିରେ ସେଥିମଧ୍ୟରୁ ୧୩ ଜଣ ପୁଅ ଏବଂ ଝିଅ ଅଧ୍ୟୟନ କରୁଛନ୍ତି । ସେଥିରେ ୮ଜଣ ଝିଅ ଓ ୫ଜଣ ପୁଅ ଅଛନ୍ତି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଝିଅପିଲାମାନେ ୟୁନିଭର୍ସିଟିରେ ଅଧିକ ଅଛନ୍ତି ତେଣୁ ପୁଅମାନଙ୍କୁ ଉଚିତ ଯେ, ସେମାନେ ମଧ୍ୟ ଆଗକୁ ଆସନ୍ତୁ । ଯେଉଁମାନେ ଡ଼ାକ୍ତର, ଟିଚର, ଇଞ୍ଜିନିୟର ଇତ୍ୟାଦି ହେଉନାହାନ୍ତି, ଯାମିୟାରେ ପଢ଼ୁନାହାନ୍ତି ସେମାନଙ୍କ ପାଇଁ ମୁଁ ଏ ନିର୍ଦ୍ଦେଶ ଦେଇଥିଲି ଯେ, ସେମାନେ ପବ୍ଲିକ୍ ସର୍ଭିସ୍‌ରେ ମଧ୍ୟ ଯାଆନ୍ତୁ ଓ ସେଥିପାଇଁ ଚେଷ୍ଟା କରନ୍ତୁ ।

ନ୍ୟାସନାଲ ସେକ୍ରେଟାରୀ ଯାଏଦାଦ୍‌ଙ୍କ ଠାରୁ ହଜୁର ଅନଓ୍ୱର ଅ:ବ:ଅ ତାଙ୍କ କାମ ସମ୍ପର୍କରେ ପଚାରି ବୁଝିଲେ । ସେ ବତାଇଲେ ଯେ, ସେ ନନ୍‌ସ୍ପିଟ୍‌ଠାରେ ହନିଫ୍ ସାହେବଙ୍କ ସହିତ ନିର୍ମାଣ କାର୍ଯ୍ୟ କରିଛନ୍ତି । ଶିକ୍ଷାଗତ ଦୃଷ୍ଟିକୋଣରୁ ସେ ଇଞ୍ଜିନିୟରିଙ୍ଗ ଡ଼ିଗ୍ରୀ ହାସଲ କରିଛନ୍ତି ।

ନ୍ୟାସନାଲ ସେକ୍ରେଟାରୀ ରିସ୍ତାନାତା ନିଜର ରିପୋର୍ଟକୁ ଉପସ୍ଥାପନ କରି ବତାଇଲେ ଯେ, ୧୨ଟି ରିସ୍ତା (ଅତାର୍ଥ ପୁଅ ଝିଅଙ୍କ ବିବାହ ପ୍ରସ୍ତାବ) ନିର୍ଦ୍ଧାରିତ ହୋଇଅଛି । ଆଉ ଆଠ ଦଶଟି ପ୍ରୋସେସ୍‌ରେ ଅଛନ୍ତି । ପୁଅ ଓ ଝିଅପିଲାମାନଙ୍କର ସୂଚୀ ଉଣାଅଧିକେ ସମାନ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ସୂଚି ସମାନ ଅଛି ତେବେ ପୁଣି ଶିଘ୍ର ଶିଘ୍ର ବନ୍ଧୁ ଯୋଡ଼ି ଦିଅନ୍ତୁ ।

ଇଂଟରନାଲ୍ ଅଡ଼ିଟର ବତାଇଲେ ଯେ, ସେ ଏବେ ଏବେ ହିଁ କାର୍ଯ୍ୟ ଆରମ୍ଭ କରିଛନ୍ତି ।

ରିଜିଓନାଲ ଅମୀରମାନେ ମଧ୍ୟ ଏହି ମିଟିଙ୍ଗରେ ଉପସ୍ଥିତ ଥିଲେ । ବ୍ରେଇମନ୍ ବର୍ଗ ସାହେବ ନାମକ ଜଣେ ରିଜିଓନାଲ୍ ଅମୀରଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, କଣ ଅମୀର ସାହେବ୍ ଆପଣଙ୍କୁ ସ୍ପେଶାଲ୍ କାମ ଦେଉଛନ୍ତି କି ଅଥବା ଆପଣ ସାଧାରଣତଃ ନିଜ ରିଜିଓନ୍‌ର ଯମାତ୍‌ଗୁଡ଼ିକୁ ଦେଖାଶୁଣା କରୁଛନ୍ତି । ଏଥିରେ ସେ ମହାଶୟ କହିଲେ ଯେ, ଏବେ ଗୋଟିଏ ମସ୍‌ଜିଦ୍ ନିର୍ମାଣ କରିବାର ଯୋଜନା ଚାଲିଛି ଆମେ ଦକ୍ଷିଣରେ ମସ୍‌ଜିଦ୍ ବନାଇବାକୁ ଚାହୁଁଛୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ମସ୍‌ଜିଦ୍ ବନାନ୍ତୁ କିଏ ରୋକିଛି ? କୁହାଗଲା ଯେ, ତାଙ୍କ ରିଜିଓନ୍‌ରେ ମୁରବୀ ନାହାନ୍ତି ରହିବାପାଇଁ ମଧ୍ୟ ସମସ୍ୟା ଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯମାତ୍ ଗରୀବ ନୁହେଁ, ମସ୍‌ଜିଦ୍ ବନାନ୍ତୁ, ଘର ନିଅନ୍ତୁ, ନମାଜ ସେଂଟର ବନାନ୍ତୁ, ମୁରବୀ ସାହାବଙ୍କର ରହିବାର ବ୍ୟବସ୍ଥା କରନ୍ତୁ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହି କାର୍ଯ୍ୟ ପ୍ରତି ଆପଣ ନିଜ ସଦସ୍ୟମାନଙ୍କୁ ଉତ୍ସାହିତ କରନ୍ତୁ ଓ ଧ୍ୟାନ ଆକର୍ଷଣ କରାନ୍ତୁ ।

ନ୍ୟାସନାଲ ସେକ୍ରେଟାରୀ ଓ୍ୱସାୟା ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ ଯେ, ମୁସୀମାନଙ୍କର ମୋଟ ସଂଖ୍ୟା ହେଉଛି ୪୦୬ ସେଥିମଧ୍ୟରୁ ଅଧିକାଂଶ ହେଉଛନ୍ତି ଘରର ମହିଳାମାନେ ବା ଛାତ୍ରଛାତ୍ରୀମାନେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅସଲରେ ରୋଜଗାରକ୍ଷମ ବ୍ୟକ୍ତିମାନଙ୍କ ମଧ୍ୟରୁ କେତେଜଣ ମୁସୀ ଅଛନ୍ତି ଏମାନଙ୍କର ସଂଖ୍ୟା ଅଧିକ ହେବା ଉଚିତ ।

ସେକ୍ରେଟାରୀ ମାଲ୍ କହିଲେ ଯେ, ରୋଜଗାରକ୍ଷମ ବ୍ୟକ୍ତିମାନଙ୍କ ସଂଖ୍ୟା ହେଉଛି ୧୬୭ ସେମାନଙ୍କ ମଧ୍ୟରୁ ୯୨ ଜଣେ ହେଉଛନ୍ତି ଅନ୍‌ସାର, ୫୮ ଜଣ ଖୁଦାମ୍ ଏବଂ ୧୭ ଜଣ ଲଜ୍‌ନା ଅଛନ୍ତି ।

ନ୍ୟାସନାଲ ସେକ୍ରେଟାରି ଓ୍ୱସାୟା କହିଲେ ଯେ, ରୋଜଗାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୪୧ ପ୍ରତିଶତ ହେଉଛନ୍ତି ମୁସି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ୧୬୭ଜଣ ରୋଜଗାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୮୪ ୮୫ ଜଣ ମୁସୀ ହେବା ଉଚିତ ।

ଏଠାରେ ଘଂଟା ପ୍ରତି ଓ ମାସିକ ରୋଜଗାର ଓ ମଜୁରୀ ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅ ବ୍ୟାପକ ରୂପେ ଯାଏଜା ନେଲେ । ସେକ୍ରେଟାରି ସାହେବ କହିଲେ ଯେ, ଏଠାରେ ବୟସ ଅନୁସାରେ ଘଂଟା ପ୍ରତି ଯେଉଁ ମଜୁରୀ ମିଳିଥାଏ ତାହା ଭିନ୍ନ ଭିନ୍ନ ୧୯ ରୁ ୨୦ ବର୍ଷର ଯୁବକମାନେ ଯେଉଁ କାମ କରୁଛନ୍ତି ସେମାନଙ୍କର ଅଲଗା ଓ ବେଳେବେଳେ ଛାତ୍ରଛାତ୍ରୀମାନେ ଛୁଟିଦିନରେ କାମ କରିଥାନ୍ତି । ସେମାନଙ୍କର ମଜୁରୀ କମ୍ ଅଟେ ଓ ତାଙ୍କଠାରୁ ବୟସରେ ଯେଉଁମାନେ ଅଧିକା ଅର୍ଥାତ ପାଖାପାଖି ୩୦ ବର୍ଷ ବୟସ ସେମାନଙ୍କୁ ଘଂଟା ପ୍ରତି ଅଧିକ ମଜୁରୀ ଅଟେ । ସେହିପରି ଅଲଗା ଅଲଗା ବୟସର ଲୋକମାନଙ୍କୁ ଅଲଗା ଅଲଗା ମଜୁରୀ ମିଳିଥାଏ ।

ହଜୁର ଅନଓ୍ୱର ଅ:ବ:ଅ ସେକ୍ରେଟାରୀ ମାଲ୍‌ଙ୍କୁ ପଚାରିଲେ ଯେ, କଣ ୧୬୭ ରୋଜଗାର କରୁଥିବା ଲୋକମାନେ ସମସ୍ତେ ଚାନ୍ଦା ଦେଉଛନ୍ତି କି ? ଏଥିରେ ସେ ଉତର ଦେଲେ ଯେ, ସମସ୍ତେ ତ ଦେଉଛନ୍ତି କିନ୍ତୁ ସେଥିମଧ୍ୟରୁ ୭୦ ପ୍ରତିଶତ ବାଶରହା ଚାନ୍ଦା ଦେଉଛନ୍ତି । ଚାନ୍ଦା ଦେଉଥିବା ଲୋକମାନଙ୍କର ମୋଟ ସଂଖ୍ୟା ହେଉଛି ୬୦୮ ।

ନ୍ୟାସନାଲ ସେକ୍ରେଟାରୀ ସମଇ ଓ୍ୱ ବସରିଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, କଣ ଆପଣ କିଛି ପ୍ରୋଗ୍ରାମ ପ୍ରସ୍ତୁତ କରୁଛନ୍ତି । ସେଥିରେ ସେ କହିଲେ ଯେ, ହଁ ଆମେ ପ୍ରୋଗ୍ରାମ ବନାଉଛୁ ଅମୀର ସାହେବ ଆମ ଦାୟିତ୍ୱରେ କିଛି କାମ ଦେଇଛନ୍ତି । ଆମେ ସ୍ଥାନୀୟ ଇଲାକାରେ ପ୍ରୋଗ୍ରାମ ବନାଉଛୁ ।

ଆଡ଼ିସନାଲ୍ ସେକ୍ରେଟାରୀ ଇଶାଅତ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ ଯେ, ମୁଁ ଏଠାରେ ପବ୍ଲିକେଶନ୍ କମିଟିର ସଦସ୍ୟ ଅଛି ବର୍ତମାନ ମୁଁ ତୋହ୍‌ଫା କୈସରିୟାର ଅନୁବାଦ କରୁଅଛି ।

ମୁହାସିବ୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ କହିଲେ ଯେ, ମୁଁ ସମସ୍ତ ଖର୍ଚ୍ଚର ହିସାବପତ୍ର ରଖୁଛି ସେକ୍ରେଟାରି ମାଲ୍‌ଙ୍କ ସହିତ ମିଶି ତାହା ସବୁ ଚେକ୍ କରୁଛି ପୁଣି ଆମେ ଦୁଇଜଣ ଆପୋଷରେ କ୍ରସ ଚେକ୍ ମଧ୍ୟ କରୁଛୁ । ଭିନ୍ନ ଭିନ୍ନ ଡ଼ିପାର୍ଟମେଂଟର ବଜେଟ ପାଇଁ ମୁଁ ଏ ଚେଷ୍ଟା କରିଛି ଯେ, ସମସ୍ତେ ନିଜ ନିଜ ବଜେଟ ଭିତରେ ରହି ଖର୍ଚ୍ଚ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଏ ରିପୋର୍ଟ ପେଶ୍ କରାଗଲା ଯେ, ଏଠିକାର ଲୋକମାନେ ସୋଶଲ୍ ନେଉଛନ୍ତି ଓ କାମ କରୁନାହାନ୍ତି ଓ କେତେକ ଲୋକ ଏପରି ଅଛନ୍ତି ଯେଉଁମାନେ ସୋଶଲ୍ ନେବା ସହିତ ଲୁଚି ଛପି କାମ ମଧ୍ୟ କରୁଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ମୁଁ ମୋ ଖୁତ୍‌ବା ଗୁଡ଼ିକରେ ଏକଥା ଚର୍ଚ୍ଚା କରିସାରିଛି ଯେ, ସୋଶଲ୍ ନିଅନ୍ତୁ ନାହିଁ ଓ ନିଜର କାମ କରନ୍ତୁ । ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ ଯେଉଁମାନେ ଦୁର୍ବଳ ଅଛନ୍ତି ସେମାନଙ୍କୁ ବୁଝାଇବାର କାର୍ଯ୍ୟ ହେଉଛି ସେକ୍ରେଟାରି ତର୍‌ବିୟତ ଏବଂ ମୁବଲିଗ୍‌ମାନଙ୍କର । ହଜୁର ଅନଓ୍ୱର ଅ:ବ:ଅ କହିଲେ ଏପରି କେତେ ମଧ୍ୟ ଲୋକ ଅଛନ୍ତି ଯେଉଁମାନେ ସୋଶଲ୍ ନେବାର ହକ୍‌ଦାର କିନ୍ତୁ ସେମାନେ ନିଜେ ଏହାକୁ ବନ୍ଦ କରିଦେଇଛନ୍ତି । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେଉଁମାନେ ସୋଶଲ୍ ନେଉଛନ୍ତି, କାମ କରୁନାହାନ୍ତି ଏବଂ ଟ୍ୟାକ୍ସ ବଂଚାଉଛନ୍ତି ସେମାନଙ୍କୁ ଦୁଇଥର ଲେଖା ବୁଝାଅ ଯେ, ସେମାନେ ନିଜକୁ ସୁଧାରି ନିଅନ୍ତୁ । ଯଦି ଏମାନେ ସୁଧୁରି ନାହାନ୍ତି ତେବେ କାନୁନ୍‌କୁ ଏକଥା ବତାଇ ଦିଅନ୍ତୁ । କୌଣସି ପ୍ରକାରର ସହାନୁଭୂତି ଦେଖାଇବାର ଆବଶ୍ୟକତା ନାହିଁ । କାନୁନର ପାଳନ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ ସେକ୍ରେଟାରି ସାହେବ ଉମୁରେ ଆମାଙ୍କୁ ଏ ନିର୍ଦ୍ଦେଶ ଦେଲେ ଯେ, ଉମୁରେ ଆମା ଏବଂ ସନ୍‌ଅତ୍ ଓ୍ୱ ତିଜାରତ୍ ବିଭାଗକୁ ମିଶି କାମ କରିବା ଉଚିତ ଯେ, ଯେଉଁମାନେ ନୂଆ ଏଠାକୁ ଆସୁଛନ୍ତି ସେମାନଙ୍କୁ କିଭଳି କାମ ଯୋଗାଇ ଦିଆଯିବ । ସେମାନଙ୍କୁ କିପରି ସାହାଯ୍ୟ କରାଯିବ । ଲୋକମାନଙ୍କୁ କାମ ମିଳିବା ପାଇଁ ମାର୍ଗଦର୍ଶନ ଦେବା ହେଉଛି ଉମୁରେ ଆମାର ଦାୟିତ୍ୱ ଏହା ଦ୍ୱାରା ଲୋକମାନଙ୍କ ଆର୍ଥିକ ଅବସ୍ଥା ସୁଧୁରି ପାରିବ ।

ବାଯମାତ୍ ନମାଜ ପାଠ ସମ୍ବନ୍ଧରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ନ୍ୟାସନାଲ ଆମେଲାର ସଦସ୍ୟମାନଙ୍କୁ ଫଜର୍ ଏବଂ ଇଶା ନମାଜ ମସ୍‌ଜିଦ୍ ଓ ସେଂଟର ଗୁଡ଼ିକରେ ଯାଇ ପାଠ କରିବା ଉଚିତ । ଯେଉଁ ସଦସ୍ୟମାନେ ଆସୁନାହାନ୍ତି ତିନିମାସ ପରେ ସେମାନଙ୍କର ଉପସ୍ଥାନର ରିପୋର୍ଟ ପେଶ୍ କରନ୍ତୁ । ନ୍ୟାସନାଲ ଆମେଲାର ଉପସ୍ଥାନର ରିପୋର୍ଟ ସଦର୍ ଯମାତ୍, ଅମୀର ସାହେବଙ୍କୁ ଦେଇଦିଅନ୍ତୁ ।

ସେକ୍ରେଟାରି ତବ୍‌ଲିଗ୍ କହିଲେ ଯେ, ଏଠାରେ ତବ୍‌ଲିଗ୍ ପାଇଁ ଯେଉଁ ବଜେଟ ଅଛି ତାହା ବହୁତ କମ୍ ସେଥିଯୋଗୁଁ ଏଠାରେ ପ୍ରୋଗ୍ରାମ କରାଯାଇ ପାରୁନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ତବ୍‌ଲିଗ୍ ପାଇଁ ଏକ ଉଚିତ ବଜେଟ ରଖିବା ଉଚିତ । ଇସ୍‌ଲାମ୍‌ର ପ୍ରଚାର ପ୍ରସାର ପାଇଁ ଚାନ୍ଦା ଦିଆଯାଉଅଛି । ଏହିପରି ହଜୁର ଅନଓ୍ୱର ଅ:ବ:ଅ ହଲାଣ୍ଡ ଯମାତ୍‌ର ବଜେଟ୍ ଏବଂ ବିଭିନ୍ନ ବିଭାଗର ସବିଶେଷ ଅନୁଧ୍ୟାନ କଲେ ଏବଂ କହିଲେ ଯେ, ମୋଟ ବଜେଟ୍‌ର ଦଶପ୍ରତିଶତ ତବ୍‌ଲିଗ୍‌କୁ ଦିଅନ୍ତୁ । ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ ଯେଉଁ ଶାଖାଗୁଡ଼ିକର ଆର୍ଥିକ ଅବସ୍ଥା ଭଲ ଅଛି ସେମାନେ ନିଜର ଦୈନିକ ଖର୍ଚ୍ଚ ନିଜେ ହିଁ ବରଦାସ୍ତ କରିପାରିବେ ।

ହଜୁର ଅନଓ୍ୱର ଅ:ବ:ଅ ସେକ୍ରେଟାରି ତବ୍‌ଲିଗ୍‌ଙ୍କୁ କହିଲେ ପ୍ରଥମେ ଆପଣ ଯୋଜନା କରନ୍ତୁ କିପ୍ରକାରର ବଡ଼ ବଡ଼ ଇଭେଂଟ କରିବେ, ବିଲ୍‌ବୋର୍ଡ଼ ଅଛି, ଲିଫଲେଟ୍ସ ଏବଂ ବ୍ରୋସିୟର୍‌ର ବଂଟନ

କରିବାର ଯୋଜନା ନିଜ ଅମୀର ସାହେବଙ୍କୁ ତବ୍‌ଲିଗ୍‌ର ପ୍ଲାନ ତିଆରି କରିଦିଅନ୍ତୁ । ପୁଣି ସେଗୁଡ଼ିକୁ ଅନବରତ ଫଲୋଅପ୍ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆପଣମାନେ ନିଜ ଶୁରା ମଇମାସରେ କରନ୍ତୁ ଓ ପ୍ରତ୍ୟେକ ବିଭାଗ ନିଜ ନିଜର ବଜେଟ୍‌କୁ ପୂର୍ବରୁ ହିଁ ପଠାଇ ଦିଅନ୍ତୁ ।

ନ୍ୟାସନାଲ୍ ମଜ୍‌ଲିସ୍ ଆମେଲାର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ରଖାଯାଇଥିବା ଏହି ମିଟିଙ୍ଗ ୧୨:୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ମଜ୍‌ଲିସ୍ ଆମେଲାର ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ନ୍ୟାସନାଲ ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ ହଲାଣ୍ଡର ହଜୁର ଅନଓ୍ୱର ଅ:ବ:ଅଙ୍କ ମିଟିଙ୍ଗ

ଏହାପରେ ନ୍ୟାସନାଲ ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃ ହଲାଣ୍ଡର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଟିଙ୍ଗ । ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ହଜୁର ଅନଓ୍ୱର ଅ:ବ:ଅ କାଏଦ୍ ଉମୁମିଙ୍କୁ ପଚାରିଲେ ଯେ, ଆପଣଙ୍କର କେତୋଟି ମଜ୍‌ଲିସ୍ ଅଛି ଓ ସେମାନେ କଣ ନିୟମିତ ରିପୋର୍ଟ ଦେଉଛନ୍ତି କି? ଏବଂ ସେହି ରିପୋର୍ଟ ଗୁଡ଼ିକ ଉପରେ ତର୍ଜମା ମଧ୍ୟ କରୁଛନ୍ତି କି? ଏଥିରେ କାଏଦ୍ ଉମୁମି କହିଲେ ଯେ, ଆମର ଏଠି ୧୪ ଟି ମଜ୍‌ଲିସ୍ ଅଛି ଓ ସମସ୍ତେ ନିୟମିତ ରିପୋର୍ଟ ପଠାଉଛନ୍ତି ଓ ଆମେ ନିଜର ତର୍ଜମା ଓ ଉତର ସେମାନଙ୍କୁ ପଠାଉଛୁ । ଆମଷ୍ଟର୍ଡ଼ମ୍‌ଠାରେ ଥିବା ବଇତୁଲ୍ ମେହମୁଦ୍‌ରେ ଆମେ ନିଜର ଅଫିସ୍ ତିଆରି କରିଛୁ ।

କାଏଦ୍ ମାଲ୍‌ଙ୍କୁ ହଜୁର ଅନଓ୍ୱର ଅ:ବ:ଅ ବଜେଟ ସମ୍ବନ୍ଧରେ ପଚାରିଲେ ଯେ, ଆପଣଙ୍କର ବଜେଟ କିଭଳି ପ୍ରସ୍ତୁତ କରାଯାଉଅଛି? ଏଥିରେ ସେ ମହାଶୟ କହିଲେ ଯେ, ଆମେ ମଜ୍‌ଲିସ୍‌ର ଯଇମ୍ ମାନଙ୍କୁ ଫର୍ମ ପଠାଇ ବଜେଟ ଏକାଠି କରୁଛୁ ପୁଣି ତାହା ଜରିଆରେ ଆମର ମୋଟାମୋଟି ବଜେଟ ପ୍ରସ୍ତୁତ କରାଯାଉଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯଦି ପ୍ରତ୍ୟେକ ନାସିର୍ ନିଜ ରୋଜଗାର ଅନୁସାରେ ଅନ୍‌ସାର ଚାନ୍ଦା ଦେବେ ତେବେ ବଜେଟ ବଢ଼ିପାରେ ।

କାଏଦ୍ ତର୍‌ବିୟତଙ୍କୁ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ତର୍‌ବିୟତ୍‌ର କଣ ପ୍ଲାନ କରିଛନ୍ତି । କେତେଜଣ ଅନ୍‌ସାର ବାୟମାତ୍ ନମାଜ ପଢୁଛନ୍ତି । ନିଜର ନ୍ୟାସନାଲ୍ ଆମେଲାର ସଦସ୍ୟମାନଙ୍କୁ ସେହିଭଳି ନିଜ ନିଜର ମଜ୍‌ଲିସ୍ ଆମେଲାର ସଦସ୍ୟମାନଙ୍କୁ ବାୟମାତ୍ ନମାଜ ପଢ଼ିବାର ଅଭ୍ୟସ୍ତ କରାନ୍ତୁ । ସମସ୍ତଙ୍କୁ ଫଜର୍ ଏବଂ ଇଶା ନମାଜ ପାଇଁ ନିଜ ନିଜର ସେଂଟରକୁ ଆସିବା ଉଚିତ । ଅତିକମ୍‌ରେ ଏହି ଦୁଇଟି ନମାଜ ବାୟମାତ୍ (ସାମୁହିକ) ପାଠ କରିବା ଉଚିତ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣଙ୍କ ନ୍ୟାସନାଲ ଆମେଲାର ସଦସ୍ୟମାନେ ଏବଂ ସ୍ଥାନିୟ ମଜ୍‌ଲିସ୍‌ର ଆମେଲାର ସଦସ୍ୟମାନେ ଯେଉଁଠି ମଧ୍ୟ ସେଂଟର ରହିଛି ସେଠାକୁ ଯାଇ ଫଜର୍ ଏବଂ ଇଶା ନମାଜ ପାଠ କରନ୍ତୁ ।

ନାଏବ୍ ସଦର ସଫେ ଦୌମ୍‌ଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, କେତେଜଣ ଅନ୍‌ସାର ସାଇକଲେ ଚଳାଉଛନ୍ତି ଏଥିରେ ସେ ମହାଶୟ କହିଲେ ଯେ, କିଛି ଅନ୍‌ସାରମାନେ ତ ସାଇକେଲ ଚଳାଉଛନ୍ତି ଓ କେତେକ ଅନ୍‌ସାର ବହୁତ ଆକ୍ଟିଭ ଅଛନ୍ତି ।

କାଏଦ୍ ତଜ୍‌ନିଦ୍ ନିଜର ରିପୋର୍ଟ ପେଶ୍ କରି କହିଲେ ଯେ, ବର୍ତମାନ ଅନ୍‌ସାରମାନଙ୍କ ତଜ୍‌ନିଦ୍ (ସଂଖ୍ୟା) ହେଉଛି ୨୬୬ ।

କାଏଦ୍ ଇସାର୍ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କହିଲେ ଯେ, ଅନ୍‌ସାରମାନେ ରୋଗୀମାନଙ୍କ ଦେଖାଶୁଣା ପାଇଁ ଡ଼ାକ୍ତରଖାନା ଯାଉଛନ୍ତି । ଏବଂ ଓଲ୍ଡଏଜ୍ ହାଉସ୍‌କୁ ମଧ୍ୟ ଯାଉଛନ୍ତି । ସେହିପରି ଆମେ ଅର୍ଥ ଏକାଠି କରି ଆଫ୍ରିକାରେ ଦୁଇଟି କୂଅ ତିଆରି କରିଛୁ । ୨୦ ହଜାର ୟୁରୋ ଏକାଠି କରି ଆମେ ହ୍ୟୁମାନିଟି ଫାଷ୍ଟ ସଂସ୍ଥାକୁ ଦେଇଛୁ ।

କାଏଦ୍ ତର୍‌ବିୟତ୍ ନୌମୁବାଇନ୍‌ଙ୍କୁ ସମ୍ବୋଧନ କରି ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଅନ୍‌ସାରୁଲ୍ଲାଃ ପ୍ରତିବର୍ଷ ୫୦ଟି ନୂଆ ବୟତ କରାଉ ।

ବିଭିନ୍ନ ମଜ୍‌ଲିସ୍‌ରୁ ଆସିଥିବା ମଜ୍‌ଲିସ୍‌ର ଜଇମ୍ ମାନେ ମଧ୍ୟ ଏହି ମିଟିଙ୍ଗରେ ଉପସ୍ଥିତ ଥିଲେ । ହଜୁର ଅନଓ୍ୱର ଅ:ବ:ଅ ଜଇମ୍ ଆମଷ୍ଟରଡ଼ମ୍ ଡ଼ାକ୍ତରଙ୍କୁ ନମାଜ ବିଷୟରେ ପଚାରିଲେ ଯେ, କଣ ଆପଣ ମସ୍‌ଜିଦ୍ ମେହମୁଦ୍‌ରେ ନମାଜ ପଢୁଛନ୍ତି ଓ ସେଠାରେ କେତେ ଲୋକ ହାଜିର ହେଉଛନ୍ତି? ଏଥିରେ ସେ ମହାଶୟ ଉତର ଦେଲେ ଯେ, ମସ୍‌ଜିଦ୍ ମେହମୁଦ୍ ଦୂରରେ ଅବସ୍ଥିତ ଲୋକମାନଙ୍କ ନିକଟରେ ଗାଡ଼ି ନାହିଁ ଆସିବାପାଇଁ ବିଳମ୍ବ ହୋଇଯାଉଛି, କିଛିଟା ଅବହେଳା ମଧ୍ୟ ରହୁଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଳସୁଆମି ଅଧିକା ଦୂରତା କମ୍ ।

କାଏଦ୍ ଜିହାନତ୍ ଓ୍ୱ ସିହତ୍ ଜିସ୍‌ମାନିଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, ଏଠାରେ କେତେ ଲୋକ ବ୍ୟାୟାମ କରୁଛନ୍ତି ଏବଂ ସାଇକେଲ ଚଳାଉଛନ୍ତି ଏହାର ଯୟଜା ହେବା ଉଚିତ ।

କାଏଦ୍ ତବ୍‌ଲିକ୍‌ଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, ଆପଣଙ୍କ ତବ୍‌ଲିକ୍ ପ୍ଲାନ କଣ ରହିଛି । ଏଥିରେ ସେ ଉତର ଦେଲେ ଆମର ଯେଉଁ ତବ୍‌ଲିଗ୍ ବଜେଟ ଅଛି ତାହା ୨.୫ ହଜାର ୟୁରୋ ରହିଛି । ଆମେ ପିସ୍ କନ୍‌ଫେରେନ୍ସ ଅନୁଷ୍ଠିତ କରୁଅଛୁ ଯେହେତୁ ତାହା ଯମାତି ସେଂଟରରେ ଅନୁଷ୍ଠିତ ହେଉଅଛି ତେଣୁ ୨ ହଜାର ୟୁରୋ ବିନିମୟରେ ଏହା ହୋଇଯାଉଛି । ଏତଦ୍‌ବ୍ୟତିତ ଆମର ଚାରିଟି ୱାକ୍ ର ପ୍ରୋଗ୍ରାମ ମଧ୍ୟ ଅନୁଷ୍ଠିତ ହେଉଛି । ତା ମାଧ୍ୟମରେ ତବ୍‌ଲିଗ୍ କରିବାର ମାର୍ଗ ଖୋଲିଯାଉଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅନ୍‌ସାରଙ୍କ ଜରିଆରେ ଯେଉଁ ବୟତ ହେଉଅଛି କଣ ଆପଣ ତର୍‌ବିୟତ ବିଭାଗ ନୌମୁବାଇନ୍‌ଙ୍କୁ ଏହା ବତାଇ ଦେଉଛ ଯେ, ଅନ୍‌ସାରଙ୍କ ଜରିଆରେ ଏହି ସବୁ ବୟତ ହୋଇଛି ବୋଲି । ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ ଏଠାରେ ଆଫ୍ରିକୀୟ ଏବଂ ଆରବୀୟମାନେ ରହୁଥିବେ । ତା'ର ଅନୁସନ୍ଧାନ କରନ୍ତୁ ଓ ସେମାନଙ୍କ ନିକଟକୁ ଯାଇ ତବ୍‌ଲିଗ୍ କରନ୍ତୁ ।

ମାଉନ୍ ସଦର୍ ଅନ୍‌ସାରୁଲ୍ଲାଃ କହିଲେ ଯେ, ଆମେ ଅନ୍‌ସାରୁଲ୍ଲାଃର ଗେଷ୍ଟ ହାଉସ୍ ପ୍ରୋଜେକ୍ଟ ଉପରେ କାମ କରୁଅଛୁ ।

ନାଏବ୍ ସଦର୍ ଅଓ୍ୱଲ୍ କହିଲେ ଯେ, ସଦର୍ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଯେଉଁ କାମ ମତେ ଅର୍ପଣ କରୁଛନ୍ତି ମୁଁ ତାହାକୁ ସମ୍ପାଦନ କରୁଅଛି । ତାଙ୍କ ଅନୁପସ୍ଥିତିରେ ମଧ୍ୟ ମୁଁ ଭାରପ୍ରାପ୍ତ ସିଦର ରୂପେ କାର୍ଯ୍ୟ ସମ୍ପାଦନ କରୁଅଛି ।

କାଏଦ୍ ତାଲିମ୍ ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ ଯେ, ଆମେ ବର୍ଷକରେ ପାଂଚଟି ପୁସ୍ତକ ରଖୁଛୁ । ହଜରତ୍ ମସିହ ମଉଦ୍ ଆ:ସଙ୍କ ପୁସ୍ତକ ''ବ୍ରିଟିଶ ଗର୍ଭନମେଂଟ ଅର୍ ଜିହାଦ୍'' ଏବଂ ''ମସିହି ହିନ୍ଦୁସ୍ତାନ ମେଁ'' ର କାମ ହୋଇସାରିଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କର ଯେଉଁ ବଡ଼ ବଡ଼ ପୁସ୍ତକମାନ ରହିଛି । ସେଗୁଡ଼ିକୁ ବିଭିନ୍ନ ଭାଗରେ ବିଭକ୍ତ କରି ରଖନ୍ତୁ । ଯେମିତି ହକିକ୍‌ତୁଲ୍ ଓ୍ୱହିକୁ ପାଂଚ ଭାଗରେ ବିଭକ୍ତ କରିଦିଅନ୍ତୁ । ଏବେ ଆସନ୍ତାକୁ ହକିକତୁଲ୍ ଓ୍ୱହିର ଶହେ ପୃଷ୍ଠ ରଖନ୍ତୁ ଏହା ଦ୍ୱାରା ଅନ୍‌ସାରମାନେ ଜାଣିପିବେ ଯେ, ସ୍ୱପ୍ନ ଏବଂ ଐଶିବାଣୀର ଅସଲ ବାସ୍ତବିକତା କଣ ।

ଆମେଲାର ଜଣେ ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏକଥା ଜଣାଇଲେ ଯେ, ଲୋକମାନେ ରିପୋର୍ଟ ଦେଉନାହାନ୍ତି । ଯେତେବେଳେ ସେମାନଙ୍କଠାରୁ ନମାଜ ବିଷୟରେ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମ୍ବନ୍ଧରେ ରିପୋର୍ଟ ତଲବ କରାଯାଉଛି ସେତେବେଳେ ସେମାନେ ଏକଥା କହୁଛନ୍ତି ଯେ, ଏହା ହେଉଛି ଆମ ମଧ୍ୟରେ ଓ ଖୁଦାଙ୍କ ମଧ୍ୟରେ ମାମଲା । ତେଣୁ ଆମେ ଆପଣଙ୍କୁ ରିପୋର୍ଟ ଦେବୁନାହିଁ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହିଭଳି ଲୋକମାନଙ୍କୁ ବୁଝାଇବା ଉଚିତ । ସେମାନଙ୍କୁ ଏକଥା ବତାଇବା ଉଚିତ ଯେ, ହଜରତ୍ ମୁହମ୍ମଦ ସ:ଆ:ସ ଏକଥା କାହିଁକି କହିଛନ୍ତି କି, ଯେଉଁ ଲୋକମାନେ ନମାଜ ପଢ଼ିବାକୁ ଆସୁନାହାନ୍ତି । ସେମାନଙ୍କର ଘରକୁ ଜଳାଇ ଦିଅନ୍ତୁ । ଯଦି ଏହା ଖୁଦାଙ୍କର ମାମଲା ହୋଇଥାଆନ୍ତା ତେବେ ପୁଣି ଆପଣ ସ:ଆ:ସ ଏହାକୁ ଛାଡ଼ି ଦେଇଥାନ୍ତେ ଓ କିଛି କହିନଥାନ୍ତେ । ଘର ଜଳାଇଦେବା ପାଇଁ କାହିଁକି କହିଲେ? ତେଣୁ ଏପରି ଲୋକମାନଙ୍କୁ ବୁଝାନ୍ତୁ ଓ ସେମାନଙ୍କର ଯାଏଜା ନେଇଚାଲନ୍ତୁ । ଏପରି ଫର୍ମ ତିଆରି କରନ୍ତୁ ଯେ, କେବଳ ସେଥିରେ ଯେମିତି ଠିକ୍ ଚିହ୍ନ ଲଗାଯାଇପାରିବ । ଅଧିକ ବ୍ୟାଖ୍ୟା କରନ୍ତୁ ନାହିଁ ।

ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ନିଜ ମଜ୍‌ଲିସ୍‌ର ଜଇମ୍ ମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ଯେ, ସେମାନେ ଅନ୍‌ସାରଙ୍କୁ ଏକଥା କହିବେ କି, ଆମର ଯେଉଁ ନମାଜ ସେଂଟର ତିଆରି ହୋଇଛି ସେଠାକୁ ନମାଜ ପଢ଼ିବାକୁ ଆସନ୍ତୁ । ଧ୍ୟାନ ଆକର୍ଷଣ କରାଇବା ଜରୁରୀ ଅଟେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁ ଲୋକମାନେ ଏକଥା ଭାବୁଛନ୍ତି ଯେ, ଆମ ସହିତ ନା ତା ଯମାତି ସ୍ତରରେ ଏବଂ ନା ତ ଅନ୍‌ସାରୁଲ୍ଲାଃ ସ୍ତରରେ ଯୋଗାଯୋଗ କରାଯାଉ । ସେମାନଙ୍କୁ ଏକଥା ପଚରାଯାଉ ଯେ, ଆପଣ ଏଠାକୁ କଣ ପାଇଁ ଆସିଥିଲେ । ଆପଣମାନେ ତ ଯମାତ୍‌ର ସଦସ୍ୟରୂପେ ହିଁ ଏଠାକୁ ଆସିଥିଲେ । ତେଣୁ ଆପଣ ଏହିପରି ଲୋକମାନଙ୍କ ସମ୍ବନ୍ଧରେ ନିଜ ସ୍ଥାନିୟ

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟଙ୍କୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

ଯମାତ୍‌ର ସଦରଙ୍କୁ ଏବଂ ଅମୀର ସାହେବଙ୍କୁ ମଧ୍ୟ ବତାଇ ଦିଅନ୍ତୁ । ତା'ପରେ ପୁଣି ମର୍‌କଜ୍‌କୁ ଲେଖିଦିଅନ୍ତୁ ଯେ, ଏହି ଲୋକମାନେ ଏକଥା କହୁଛନ୍ତି କି ଆମ ସହିତ ଯୋଗାଯୋଗ ନ ରଖାଯାଉ ।

କାଏଦ୍ ତାଲିମ୍ କହିଲେ ଯେ, ଆମେ ପୁସ୍ତକଗୁଡ଼ିକ ଅଧ୍ୟୟନ କରିବା ପରେ । ପରୀକ୍ଷା ପତ୍ର ପଠାଉଛୁ କିନ୍ତୁ ଅନ୍‌ସାରମାନଙ୍କ ତରଫରୁ ତାହାର ସମାଧାନ କରାଯାଇ ଆମକୁ ମିଳୁନାହିଁ । ୨୪୫ ଜଣ ସଦସ୍ୟଙ୍କୁ ସମ୍ମୁଖରେ ରଖି ଆମେ ଏହି ବର୍ଷକ ମଧ୍ୟରେ ଚାରୋଟି ପ୍ରଶ୍ନପତ୍ର ଜାରି କରିଛୁ । କିନ୍ତୁ ସେ ସବୁର ଉତର କେବଳ ୭୦ ଜଣ ଦେଇଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅର୍ଥାତ ୧ହଜାର ଲୋକଙ୍କ ମଧ୍ୟରୁ ୭୦ ଜଣ ଦେଇଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ନିଜ ନିଜର ଜଇମ୍ ମାନଙ୍କୁ ଆକ୍ଟିଭ କରାନ୍ତୁ ସର୍ବପ୍ରଥମେ ନିଜ ନ୍ୟାସନାଲ ଆମେଲାକୁ ଧରନ୍ତୁ ତା'ପରେ ପୁଣି ସ୍ଥାନିୟ ମଜ୍‌ଲିସ୍ ଆମେଲାଙ୍କର ସମସ୍ତ ସଦସ୍ୟଙ୍କ ଦ୍ୱାରା ପ୍ରଶ୍ନପତ୍ର ସମାଧାନ କରାନ୍ତୁ । ଲୋକମାନଙ୍କ ପଛରେ ନ ପଡ଼ି ନିଜେ ନିଜ ଘରୁ ହିଁ ଆରମ୍ଭ କରାନ୍ତୁ । ଅନ୍‌ସାରମାନଙ୍କୁ କହିଦିଅନ୍ତୁ ଯେ, ଏହି ପତ୍ରରେ କେବଳ ନିଜର ନାମ ଲେଖି ପଠାଇ ଦିଅନ୍ତୁ ଯେ, ଆମେ ଏହି ପୁସ୍ତକକୁ ପଢ଼ିପାରିଛୁ । ପରିଶେଷରେ କେତେଥର ଏଭଳି କରିବାପରେ ପୁଣି ସେ, ପ୍ରଶ୍ନପତ୍ରର ସମାଧାନ କରି ପଠାଇ ଦେବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁମାନେ ଆରବୀ ଭାଷା ଜାଣିଛନ୍ତି ଏବଂ ଡଚ୍ ଭାଷା ମଧ୍ୟ ଜାଣିଛନ୍ତି । ସେମାନଙ୍କ ପାଇଁ ସେମାନଙ୍କର ଭାଷାରେ ହିଁ ପରୀକ୍ଷା ହେବା ଉଚିତ ଏବଂ ଯେଉଁ ପାଠ୍ୟସାରଣୀ ଧାର୍ଯ୍ୟ କରିବେ ତାହା ମଧ୍ୟ ସେମାନଙ୍କ ନିଜ ଭାଷାରେ ହିଁ ହେଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ହଜ୍‌ରତ୍ ଖଲିଫତୁଲ୍ ମସିହି ଦ୍ୱିତୀୟ ର:ଅ ଏକଥା କହିଥିଲେ । ମୁଁ ବୁଝିପାରିନାହିଁ ଯେ, ୪୦ ବର୍ଷର ଖାଦିମ୍ ଆକ୍ଟିଭ କାର୍ଯ୍ୟ କରୁଅଛି ଯେତେବେଳେ ସେ ୪୧ ବର୍ଷ ବୟସରେ ପ୍ରବେଶ କରୁଛି ସେତେବେଳେ ସେ ଅନ୍‌ସାରୁଲ୍ଲାଃକୁ ଚାଲିଯାଏ । ତା'ପରେ ପୁଣି ତା'ପରି ଅଳସୁଆ ଆଉ କେହି ହୋଇନଥାଏ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅତଏବ ଆପଣମାନେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉପଦେଶ ଦେବେ । ଖୁଦାତାଲା ମଧ୍ୟ ଏହା କହିଛନ୍ତି ଯେ, ଉପଦେଶ ଦେଇଚାଲ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, କାଏଦ୍ ମାଲ୍ ଏବଂ କାଏଦ୍ ତର୍‌ବିୟତ୍ ଏକାଠି ମିଶି କାମ କରନ୍ତୁ । ଯେଉଁ ଅଳସୁଆ ଲୋକମାନେ ମସ୍‌ଜିଦ୍ ଆସୁନାହାନ୍ତି ଏବଂ ଚାନ୍ଦା ଦେଉନାହାନ୍ତି ସେମାନଙ୍କୁ ଏହି ଦୁଇଜଣଯାକ ମିଶି ଏ ଚେଷ୍ଟା କରିବା ଉଚିତ ଯେ, ସେମାନେ କିପରି ଯମାତ୍‌ର ନିକଟତର ହୁଅନ୍ତୁ । ହଜୁର ଅନଓ୍ୱର ଅ:ବ:ଅ ପୁଣି କହିଲେ, ନିଜର ସମ୍ବନ୍ଧ ମଧ୍ୟ ବନାନ୍ତୁ । ସେମାନଙ୍କ ନିକଟକୁ ଯାଇ ମିଶନ୍ତୁ ସେମାନେ ଏକଥା ଜାଣିବେ ଯେ, ଆପଣ ସେମାନଙ୍କ ସହିତ ମିଶିବାକୁ ଯାଉଛନ୍ତି । କିନ୍ତୁ ଚାନ୍ଦା ଇତ୍ୟାଦି ପାଇଁ ନୁହେଁ ବରଂ ନିଜସ୍ୱ ସମ୍ପର୍କ ସ୍ଥାପନ କରିବା ପାଇଁ ଓ ବନ୍ଧୁତା ସ୍ଥାପନ କରିବାପାଇଁ ଯାଆନ୍ତୁ । ଏହା ଦ୍ୱାରା ସେହି ଲୋକମାନେ ଯମାତ୍‌ର ନିକଟତର ହେବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯଦି କୌଣସି ବ୍ୟକ୍ତି ଚାନ୍ଦା ଦେଉନାହିଁ ଓ ନିଜକୁ ଅହେମଦୀ ବୋଲାଉଛି । ତେବେ ଆପଣମାନେ ତାକୁ ଅନ୍‌ସାର୍‌ର ତଜ୍‌ନିଦ୍‌ରୁ ତାକୁ ବାହାର କରିପାରିବେ ନାହିଁ । ଯେବେ ଯାଏଁ ସେ ଏକଥା କହୁଛି ଯେ, ମୁଁ ହେଉଛି ଅହେମଦୀ । ଚାନ୍ଦା ଦେଉ ବା ନ ଦେଉ ଆପଣ ତାକୁ ନିଜ ତଜ୍‌ନିଦ୍‌ରେ ସାମିଲ କରିବେ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ, ସେମାନଙ୍କ ପାଇଁ ଯୋଜନା ବନାନ୍ତୁ ତର୍‌ବିୟତ ହେଉଛି ଏକ ବଡ଼ ଲମ୍ୱା ପ୍ରକ୍ରିୟା । ଆମର କାମ ହେଉଛି ଉପଦେଶ ଦେବା ଯମାତ୍‌ରୁ ହଟାଇ ଦେବା ବହୁତ ସହଜ କାମ ଯେବେ କି ଯମାତ୍‌ର ଭିତରକୁ ଆଣିବା ବହୁତ କଠିନ କାମ ।

ଜଣେ ସଦସ୍ୟ କହିଲେ ଯେ, ରୋଟରଡ଼ାମ୍‌ଠାରେ ଗୋଟିଏ ଚର୍ଚ୍ଚ କଣିବାର ମାମଲା ଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏ ସମ୍ବନ୍ଧରେ ଆପଣ ଅମୀର ସାହେବଙ୍କୁ ବତାନ୍ତୁ ମୁଁ ଏହାକୁ ତ କେବେ ରୋକି ନାହିଁ ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁମାନେ ଶର୍‌ହ ଅନୁସାରେ ଚାନ୍ଦା ଦେଉନାହାନ୍ତି । ସେମାନେ ଓ୍ୱହଦାଦାର୍ ହୋଇପାରିବେ ନାହିଁ । ଯେଉଁମାନେ କମ୍‌ସ ଶର୍‌ହରେ ଚାନ୍ଦା ଦେବାକୁ ଚାହୁଁଛନ୍ତି ସେମାନେ ପ୍ରଥମେ ଅନୁମତି ନିଅନ୍ତୁ । ମୁଁ ତ ଅନୁମତି ଦେଇ ଦେଉଅଛି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେ ବ୍ୟକ୍ତି ଜଣକ ଓ୍ୱହଦାଦାର ହୋଇପାରିବେ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ସେମାନଙ୍କୁ ଏକଥା ବତାଇବା ଠିକ୍ ହେବ ଯେ, ଚାନ୍ଦା କୌଣସି ଟ୍ୟାକ୍ସ ନୁହେଁ ଏହା ତ ଖୁଦାତାଲାଙ୍କ ନିର୍ଦ୍ଦେଶ ମୁତାବକ ମାଲି କୁର୍ବାନୀର ନିର୍ଦ୍ଦେଶ ଦିଆଯାଇଛି ଏବଂ ଏହା ଖୁଦାତାଲାଙ୍କ ସାନିଧ୍ୟ ପ୍ରାପ୍ତ କରିବାପାଇଁ ରହିଛି ।

ନ୍ୟାସନାଲ ମଜ୍‌ଲିସ୍ ଆମେଲା ଅନ୍‌ସାରୁଲ୍ଲାଃର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଅନୁଷ୍ଠିତ ହୋଇଥିବା ଏହି ମିଟିଙ୍ଗ ଦ୍ୱିପ୍ରହର ୧ଟା ବେଳେ ଶେଷ ହେଲା । ଶେଷରେ ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

## ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ନ୍ୟାସନାଲ୍ ମଜ୍‌ଲିସ ଆମେଲା ଖୁଦାମୁଲ୍ ଅହେମଦୀୟା ହଲାଣ୍ଡର ମିଟିଙ୍ଗ

ପ୍ରୋଗ୍ରାମ ମୁତାବକ ନ୍ୟାସନାଲ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଅହେମଦୀୟା ହଲାଣ୍ଡର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ମିଟିଙ୍ଗ ଆରମ୍ଭ ହେଲା । ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ମୋତବିଦ ସାହେବ୍ ବତାଇଲେ ଯେ, ଆମର ଦଶଟି ମଜ୍‌ଲିସ୍‌ରେ ୩୭୦ଜଣ ସଦସ୍ୟ ଅଛନ୍ତି ଏବଂ ସମସ୍ତ ମଜ୍‌ଲିସ୍‌ରୁ ରିପୋର୍ଟ ମିଳୁଅଛି ।

ମୁହତମିବ୍ ତର୍‌ବିୟତଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ ତୁମର କଣ ଯୋଜନା ରହିଛି ? ଗୋଟେ ବର୍ଷ ଭିତରେ କଣ ଲକ୍ଷ୍ୟ ହାସଲ କରିଛ । ଏକବର୍ଷ ମଧ୍ୟରେ କେତେ ବାୟମାତ୍ ନମାଜି ତିଆରି କରିଛ ? ଏଥିରେ ସେ ମହାଶୟ କହିଲେ ଯେ, ୪୦ ପ୍ରତିଶତ ଖୁଦାମ୍ ଗୋଟିଏ ବେଳା ବାୟମାତ୍ ନମାଜ ପାଠ କରୁଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ନିଜର ନ୍ୟାସନାଲ ଆମେଲା ଏବଂ ସ୍ଥାନିୟ ମଜ୍‌ଲିସ୍ ଆମେଲାକୁ ଯଦି ବାୟମାତ୍ ନମାଜି ବନାଇଦେବେ ତାହେଲେ ବାକି ସମସ୍ତେ ଠିକ୍ ହୋଇଯିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆପଣଙ୍କ ନ୍ୟାସନାଲ ଆମେଲା ଓ ମଜ୍‌ଲିସ୍ ଆମେଲାର ସମସ୍ତ ସଭ୍ୟ ହେଉଛନ୍ତି ୧୦୦ ଜଣ । ଯଦି ଏମାନେ ସମସ୍ତେ ବାୟମାତ୍ ନମାଜ ପଢ଼ିନେବେ । ତାହେଲେ ସଂଖ୍ୟା ତ ୧୦୦ ହୋଇଯିବ । ଏହି ଶହେଜଣଙ୍କୁ ଦେଖି ଆଉ ପଚାଶ ଷାଠିଏ ଆସିଯିବେ । ଅତଏବ ଆପଣମାନେ ୪୦ ପ୍ରତିଶତ ହୋଇଯିବେ । ପୁଣି ଧିରେ ଧିରେ ୫୦ ଓ ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଂଚିଯିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଠାରେ ମୁବଲିଗ୍‌ମାନେ ଅଛନ୍ତି ସମସ୍ତେ ଖୁଦାମ୍‌ଙ୍କୁ ନମାଜ ପଢ଼ିବାପାଇଁ ପ୍ରୋତ୍ସାହିତ କରନ୍ତୁ । ଖୁଦାମଙ୍କ ସହିତ ସୁସମ୍ପର୍କ ବଢ଼ାନ୍ତୁ ଏବଂ ସେମାନଙ୍କୁ ଆପଣେଇବା ପାଇଁ ଚେଷ୍ଟା କରନ୍ତୁ ।

ମୋହତମିନ୍ ତବ୍‌ଲିଗ୍ ସାହେବ ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ ଯେ, ଆମେ ଗୋଟିଏ ବର୍ଷରେ ଚାରୋଟି ତବ୍‌ଲିଗ୍ କ୍ୟାମ୍ପେନ୍ କରୁଛୁ ଓ ଆମକୁ ଗୋଟିଏ ବୟତ ମଧ୍ୟ ପ୍ରାପ୍ତ ହୋଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ତବ୍‌ଲିଗ୍ କରିବା ହେଉଛି ଆପଣଙ୍କର କାମ । ଦୁଆ କରି ତବ୍‌ଲିଗ୍ କରିବା ଉଚିତ । ଏଥିରେ ଥକି ଯାଆନ୍ତୁ ନାହିଁ । ହିଦାୟତ ଦେବା ହେଉଛି ଈଶ୍ୱରଙ୍କର କାମ । ଆପଣଙ୍କର କାମ ହେଉଛି ପ୍ରତ୍ୟେକଙ୍କୁ ବାର୍ତା ପହଂଚାଇ ଦିଅନ୍ତୁ । ନନ୍‌ସ୍ପିଟ୍‌ର ଲୋକମାନେ ମଧ୍ୟ ଆମ ଯମାତ୍‌କୁ ଜାଣିନାହାନ୍ତି ତେଣୁ ସହରରେ ଯାଇ ଯମାତ୍ ବିଷୟରେ ପରିଚୟ ଦିଅନ୍ତୁ ଏହା ଦ୍ୱାରା ଲୋକମାନେ ଜାଣିପାରିବେ ଯେ, ଅହେମଦୀୟତ କଣ ଜିନିଷ ।

ମୁହତମିନ୍ ତବ୍‌ଲିଗ୍ ପୁଣି ବତାଇଲେ ଯେ, ଆମ ନେସାବ୍‌ରେ କଶ୍‌ତିନୂହ ରଖିଛୁ । ଏହା ପୂର୍ବରୁ ଗର୍ଭନମେଂଟ ଅଗ୍ରେଂଜି ଅର୍ ଜିହାଦ୍ ପୁସ୍ତକ ରଖାଯାଇଥିଲା । ଡଚ୍ ଭାଷାରେ ଏହାକୁ ଅନୁବାଦ ମଧ୍ୟ କରାଯାଇଅଛି ଆମେ ନିୟମିତ ପରୀକ୍ଷା ମଧ୍ୟ ନେଉଅଛୁ ।

ମୁହତମିମ୍ ଉମୁରେ ତୋଲବା ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ବତାଇଲେ ଯେ, ଆମ ବିଦ୍ୟାର୍ଥୀମାନଙ୍କର ସଂଖ୍ୟା ହେଉଛି ୧୩୪, ସେମାନଙ୍କ ମଧ୍ୟରୁ ୨୪ ଜଣ ୟୁନିଭର୍ରସିଟିରେ ପଢୁଛନ୍ତି ।

ମୁହତମିମ୍ ସିହତ୍ ଜିସ୍‌ମାନି ନିଜର ପ୍ରୋଗ୍ରାମ ଉପସ୍ଥାପନ କରି ବତାଇଲେ ଯେ, ଆମେ ସ୍ଥାନିୟ ମଜ୍‌ଲିସ୍ ଗୁଡ଼ିକରେ କ୍ରିକେଟ ଏବଂ ଫୁଟୁବଲ୍ ଲିଗ୍ ମ୍ୟାଚ ଆୟୋଜନ କରୁଅଛୁ ।

ମୁହତମିମ୍ ଖିଦ୍‌ମତେ ଖଲକ୍ କହିଲେ ଯେ, ଆମେ ତିସ୍ କନ୍‌ଫେରନ୍ସ ଆୟୋଜନ କରୁଅଛୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ତିସ୍ କନ୍‌ଫରେନ୍ସ ଅନୁଷ୍ଠିତ କରିବାରେ ଖିଦ୍‌ମତେ ଖଲ୍‌କର କଣ କାମ ? ଆପଣଙ୍କର କାମ ହେଉଛି ଗରିବମାନଙ୍କୁ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

*ତାଲିବେ ଦୁଆ: Sajid Khan S/o Sultan Ahemad & Family,*
*Jamat Ahmadiyya, Madhuban Paradip (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ସାହାଯ୍ୟ କରନ୍ତୁ ଏବଂ ଚାରିଟି ୱ୍ୱାର୍କ ଆୟୋଜନ କରନ୍ତୁ । ଏଥିରେ ସେ କହିଲେ ଯେ, ଆମେ ଚାରିଟି ୱ୍ୱାର୍କ କରିଥିଲୁ ଏହା ସାହାଯ୍ୟରେ ଆଠ ହଜାର ୟୁରୋ ଜମା କରିଥିଲୁ । ଏହି ଅର୍ଥକୁ ଆମେ HF କୁ ଏବଂ ଚାରିଟି ସଂସ୍ଥାକୁ ଦେଇଥିଲୁ ।

ମୁହାସିବ୍ ନିଜର ରିପୋର୍ଟକୁ ଉପସ୍ଥାପନ କରି ବତାଇଲେ ଯେ, ପ୍ରତି ତିନିମାସରେ ଅଡ଼ିଟ କରୁଛୁ ଓ ସବୁ ହିସାବ ନିକାସ ଚେକ୍ କରୁଛୁ ।

ମୁହତମିନ୍ ସନ୍‌ଅତ୍ ୱ ତିଜାରତ୍ ବତାଇଲେ ଯେ, ଆମେ ଚାରୋଟି ପ୍ରୋଜେକ୍ଟ ଉପରେ କାମ ଆରମ୍ଭ କରିଛୁ । ଗୋଟିଏ ହେଉଛି ଶିକ୍ଷା ସମ୍ବନ୍ଧରେ ମାର୍ଗଦର୍ଶନ କରିବା । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଶିକ୍ଷା ସମ୍ବନ୍ଧୀୟ ଗାଇଡ଼ କରିବା ହେଉଛି ଉମୁରେ ତୋଲ୍‌ବାଆଙ୍କ କାର୍ଯ୍ୟ । ଆପଣଙ୍କର କାମ ହେଉଛି ରୋଜଗାର ଯୋଗାଇବା । ରୋଜଗାରର ଅବସର ଯୋଗାଇ ଦେବା । ମୁହତମିମ୍ ଉମୁମି କହିଲେ ଯେ, ଜଲ୍‌ସାରେ ୫୦ ଜଣ ଖୁଦାମ୍ ସିକ୍ୟୁରିଟିର ଡ୍ୟୁଟି ଦେଉଥିଲେ । ଏବେ କିଛି ଖୁଦାମ୍ ଗୋଟିଏ ଦିନ ପାଇଁ ଚାଲିଯାଇଛନ୍ତି । ପୂର୍ନବାର ଆସିବେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଜର୍ମାନୀରୁ ମଧ୍ୟ ସିକ୍ୟୁରିଟି ଡ୍ୟୁଟି ଦେବାପାଇଁ ୫ଜଣ ଖୁଦାମ୍ ଆସିଥିଲେ ।

ମୁହତମିମ୍ ତର୍‌ବିୟତ ନୌମୁବାଇନ୍ ବତାଇଲେ ଯେ, ବର୍ତମାନ ୬ଜଣ ନୌମୁବାଇନ୍ ଅଛନ୍ତି ଯେଉଁମାନଙ୍କୁ ତର୍‌ବିୟତ କରାଯାଉଅଛି । ସେମାନଙ୍କ ମଧ୍ୟରେ ସ୍ଥାନିୟ ଖ୍ରୀଷ୍ଟିୟାନ୍ ବ୍ୟାଗ୍ରାଉଣ୍ଡରୁ ଆସିଥିବା ଯୁବକ ମଧ୍ୟ ଅଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ସ୍ଥାନିୟ ଡ଼ଚ୍ ଲୋକମାନଙ୍କୁ ସୁରାଃ ଫାତିହା ଓ ନମାଜ ମଧ୍ୟ ଶିଖାନ୍ତୁ । ସମସ୍ତଙ୍କୁ ତର୍‌ବିୟତ କରି ନିୟମିତ ରୂପେ ନିଜାମ୍‌ର ଅଂଶ ବିଶେଷ ବନାନ୍ତୁ ।

ମୁହତମିମ୍ ତଜ୍‌ନିଦ୍ ବତାଇଲେ ଯେ, ଆମ ତଜ୍‌ନିଦ୍ ଦୁଇଗୁଣା ହେବାକୁ ଯାଉଛି । ଆମର ଅଧା ସଂଖ୍ୟା ହେଉଛି ନୂଆ ଖୁଦାମ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁମାନେ ପାକିସ୍ତାନରୁ ଆସିଛନ୍ତି ସେମାନଙ୍କୁ ସିଷ୍ଟମରେ ସାମିଲ କରାନ୍ତୁ । ସେମାନଙ୍କୁ ନମାଜରେ ଓ ଜୁମାରେ ଡ଼ାକି ମିଶାନ୍ତୁ ।

ମୁହତମିମ୍ ତହ୍‌ରିକ୍ ଜଦିଦ୍ ବତାଇଲେ ଯେ, ଆମ ଖୁଦାମ୍‌କୁ ୧୩ ହଜାର ୟୁରୋ ଏକାଠି କରିବାକୁ ହେବ । ପଛ ବର୍ଷ ୭.୫ ହଜାର ଲକ୍ଷ୍ୟ ଦିଆଯାଇଥିଲା । ଏ ବର୍ଷ ତାକୁ ଦୁଇଗୁଣା କରିବୁ ।

ନାଏବ୍ ସଦର୍ ସାହେବ୍ ଇଶଅତ୍ ବିଭାଗ ସମ୍ବନ୍ଧରେ ବତାଇଲେ ଯେ, ଖୁଦାମ୍ ବିଗତ ଦୁଇ ତିନି ବର୍ଷ ମଧ୍ୟରେ ଆଠଗୋଟି ପୁସ୍ତକ ଡ଼ଚ୍ ଭାଷାରେ ପ୍ରକାଶ କରିଛି । ସେଥିରେ ଦୁଆ ଉପରେ ଆଧାରିତ ପୁସ୍ତକଗୁଡ଼ିକ ମଧ୍ୟ ଅଛି ।

ମୁହତମିମ୍ ଇତ୍‌ଫାଲ୍ ନିଜର ରିପୋର୍ଟ ଉପସ୍ଥାପନ କରି କହିଲେ ଯେ, ଯମାତ୍‌ର ଯେଉଁ ତଜ୍‌ନିଦ୍ ଅଛି ସେଥିରେ ୧୨୧ ଜଣ ଇତ୍‌ଫାଲ୍ ଅଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁ ନୁଆ ପିଲାମାନେ ଆସୁଛନ୍ତି ସେମାନଙ୍କୁ ତଜ୍‌ନିଦ୍‌ରେ ସାମିଲ କରିବା ହେଉଛି ଆପଣଙ୍କର କାମ ଏହିପରି ଆପଣଙ୍କ ତଜ୍‌ନିଦ୍ ସମ୍ପୁର୍ଣ୍ଣ ହୋଇଚାଲିବା ଉଚିତ ।

ମୁହତମିମ୍ ୱ୍ୱକାରେ ଅମଲ୍ ବତାଇଲେ ଯେ, ଚଳିତବର୍ଷ ଆମେ ୩୭୧ ଟି ୱ୍ୱକାରେ ଅମଲ୍ କରାଇଛୁ ଅଧିକ ୱ୍ୱକାରେ ଅମଲ୍ ମସ୍‌ଜିଦ୍ ବଇତୁଲ୍ ଆଫିୟତ୍ ଅଲ୍‌ମେରେ ର ନିର୍ମାଣ ସମ୍ବନ୍ଧରେ କରାଯାଇଅଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ, ପ୍ରଥମତଃ ଆପଣ ୱ୍ୱକାରେ ଅମଲ୍‌କୁ ବର୍ଷ ଆରମ୍ଭରେ ହିଁ କରାନ୍ତୁ । ଏଠାକୁ ମେୟର ଆସିଥିଲେ ଓ ଏ ବିଷୟରେ ବହୁତ ପ୍ରଶଂସା କରିଥିଲେ ।

ମୁହତମିମ୍ ମାଲ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ବତାଇଲେ ଯେ, ଆମର ବାର୍ଷିକ ବଜେଟ ହେଉଛି ୪୪ ହଜାର ୟୁରୋ । ୯୨ ଜଣ ଖୁଦାମ୍ ଏପରି ଅଛନ୍ତି ଯେଉଁମାନେ ରୋଜଗାର କରୁନାହାନ୍ତି । ୧୭୦ ଜଣ ଖୁଦାମ୍ ରୋଜଗାର କରୁଛନ୍ତି ଓ ଠିକ୍ ଚାନ୍ଦା ମଧ୍ୟ ଦେଉଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁ ଖୁଦାମ୍‌ମାନେ ବର୍ତମାନ କ୍ୟାମ୍ପରେ ଅଛନ୍ତି ସେମାନଙ୍କର ତ ରୋଜଗାର କମ୍ ତେଣୁ ସେମାନେ ଯାହା ଦେଇପାରିବେ ତାହା ଦିଅନ୍ତୁ ।

ବିଭିନ୍ନ ମଜ୍‌ଲିସ୍‌ର କାଏଦ୍‌ମାନେ ମଧ୍ୟ ଏହି ମିଟିଙ୍ଗରେ ଉପସ୍ଥିତ ଥିଲେ । ସମସ୍ତେ ନିଜ ନିଜ ମଜ୍‌ଲିସ୍‌ର ତଜ୍‌ନିଦ୍ ବିଷୟରେ ବତାଇଲେ ।

ସଦର୍ ସାହେବ ଖୁଦାମୁଲ୍ ଅହେମଦୀୟା କହିଲେ ଯେ, ବିଗତ କିଛିଦିନ ହେବ ପାଂଚବେଳା ନମାଜ ପାଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଯାଉଅଛି । ପଚାଶ ପ୍ରତିଶତ ଖୁଦାମ୍ ବାଯମାତ୍ ନମାଜ ପଢୁଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଯେଉଁମାନେ ଦୁର୍ବଳ ଅଛନ୍ତି ସେମାନଙ୍କୁ ପ୍ରେମ ଓ ସ୍ନେହର ସହିତ ବୁଝାନ୍ତୁ । ଯୁବ ମୁରବୀମାନେ ଖୁଦାମଙ୍କ ନିକଟତର ହୁଅନ୍ତୁ । ଯେଉଁ ଖୁଦାମମାନଙ୍କର ସେହି ଦୁର୍ବଳ ଖୁଦାମମାନଙ୍କ ସହିତ ସମ୍ପର୍କ ରହିଛି ସେମାନେ ତାଙ୍କ ସହିତ ଯୋଗାଯୋଗ କରି ତାଙ୍କୁ ନିଜ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## ବିବାହ ସମୟରେ ଧର୍ମକୁ ଅଗ୍ରାଧିକାର ଦେବାପାଇଁ ଶିକ୍ଷା ଦିଆଯାଇଅଛି ।

''ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ କହିଛନ୍ତି । ଗୋଟିଏ ମହିଳାଙ୍କୁ ବିବାହ କରିବା ପାଇଁ ଚାରିଗୋଟି ଆଧାର ହୋଇପାରେ । ତାହାଙ୍କ ଧନ ଯୋଗୁଁ, ତାହାଙ୍କ ବଂଶ ଯୋଗୁଁ, ତାହାଙ୍କ ସୌନ୍ଦର୍ଯ୍ୟ ଯୋଗୁଁ ତଥା ତାହାଙ୍କ ଧର୍ମପରାୟଣତା ଯୋଗୁଁ । କିନ୍ତୁ ତୁମେ ଧର୍ମ ପରାୟଣତାକୁ ଅଗ୍ରାଧିକାର ଦିଅ ଏଥିରେ ଈଶ୍ୱର ତୁମର ମଙ୍ଗଳ କରିବେ ।

***(ବୁଖାରୀ, କିତାବୁଲ୍ ନିକାହ୍)***

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଛନ୍ତି: ''ବାହାଘର ସମୟରେ ଯେଉଁ ପ୍ରଥା ରହିଛି, ତାହା ମଧ୍ୟ ଧର୍ମ ଅଟେ । ସେଥିଯୋଗୁଁ ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ ଯେ, ଯେବେ ତୁମେ ବିବାହ କରିବାପାଇଁ ଚିନ୍ତା କରିବ, ସେତେବେଳେ ସବୁ ଜିନିଷ ଉପରେ ସେହି ଝିଅକୁ ଅଗ୍ରାଧିକାର ଦିଅ, ସେହି ବନ୍ଧୁଙ୍କୁ ଦିଅ, ଯାହାଙ୍କ ନିକଟରେ ଅଧିକା ଧର୍ମ ରହିଛି । ତେଣୁ ଏକଥା କହିବା ଠିକ୍ ନୁହେଁ ଯେ ବିଭାଘର କେବଳ ଏକ ହସଖୁସିର ପରିପ୍ରକାଶ ଓ ଆମ ନିଜସ୍ୱ କର୍ମ । ବରଂ ଏହା ଭୁଲ୍ ଧାରଣା ।

ଇସ୍‌ଲାମ୍ ଏକଥା କହିନାହିଁ ଯେ ସଂସାରକୁ ପରିତ୍ୟାଗ କରିଦିଅ ଓ ସମ୍ପୁର୍ଣ୍ଣରୂପେ ଅଲଗା ହୋଇଯାଅ ବୋଲି । କିନ୍ତୁ ଇସ୍‌ଲାମ୍ ଏକଥା ମଧ୍ୟ କହିନାହିଁ ଯେ ସଂସାରରେ ଏତେମାତ୍ରାରେ ମାତିଯାଅ ଯେ ଧର୍ମର ଜ୍ଞାନ ମଧ୍ୟ ନ ରହୁ । ଯଦି ବିଭାଘର କେବଳ କୋଳାହଳ, ଶୋଭାବର୍ଦ୍ଧନ ଏବଂ ଗାଇବା ବଜାଇବା ହୋଇଥାନ୍ତା, ତେବେ ଆଁ ହଜ୍‌ରତ୍ ସ:ଆ:ସ ନିକାହ୍ ଖୁତ୍‌ବାଃରେ ଅଲ୍ଲାଃଙ୍କ ସ୍ତୁତିଗାନରୁ ଆରମ୍ଭ କରିନଥାନ୍ତେ ଏବଂ ପୁଣି ତକ୍‌ୱା (ଧର୍ମପରାୟଣତା) ଗ୍ରହଣ କରିବା ପ୍ରତି ଏତେମାତ୍ରାରେ ଯେଉଁ ଜୋର୍ ଦେଇଛନ୍ତି, ସେଥିପ୍ରତି ଧ୍ୟାନ ଦେଇନଥାନ୍ତେ ବରଂ ବିଭାଘରର ପ୍ରତ୍ୟେକ ଉପଦେଶ ଓ ପ୍ରତ୍ୟେକ ନିର୍ଦ୍ଦେଶର ମୂଳାଧାର ହିଁ ତକ୍‌ୱା ଉପରେ ରଖାଯାଇଅଛି ।''

***(ଖୁତ୍‌ବା ଜୁମା ପ୍ରଦତ ୨୫ ନଭେମ୍ବର ୨୦୦୫)***

**(ନଜାରତ୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)**

## ସଦର ଅଞ୍ଜୁମନ ଅହମଦିୟା ତଜିଇନ୍ (ସୌନ୍ଦର୍ଯ୍ୟକରଣ) ବିଭାଗରେ ସେବା କରିବାକୁ ଇଚ୍ଛୁକ ବ୍ୟକ୍ତି ଧ୍ୟାନ ଦିଅନ୍ତୁ ।

ତଜିଇନ୍ ବିଭାଗ କାଦିଆନ୍‌ରେ ମଞ୍ଜୁର ହୋଇଥିବା ନୁଆ ଆମେରିକାନ୍ ବେସ୍‌ଡ଼ ଗ୍ରାସ କଟର୍ ମେଶିନ୍ ନିମନ୍ତେ ଡ୍ରାଇଭର ପଦବି ପୂରଣ ହେବାର ଅଛି । ଯେଉଁ ବ୍ୟକ୍ତି ଡ୍ରାଇଭର ଭାବେ ଏହି ସେବାକାର୍ଯ୍ୟ କରିବାକୁ ଇଚ୍ଛା ରଖିଛନ୍ତି ସେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନଜାରତ୍ ଦିୱ୍ୱାନ୍ ସଦର୍ ଅଞ୍ଜୁମନ୍ ଅହ୍‌ମଦିୟା ନିକଟକୁ ପଠାଇପାରିବେ ।

**ସର୍ତାବଳୀ:**

(୧) ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଂ ଲାଇସେନ୍ସ ଏବଂ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ (୨) ପ୍ରାର୍ଥୀ ଅଳ୍ପବହୁତ ଟେକ୍‌ନିକାଲ୍ କାମ ମଧ୍ୟ ଜାଣିଥିବେ । ଯଦ୍ୱାରା ଆବଶ୍ୟକସ୍ଥଳେ ଏହି କଟର୍ ମେଶିନ୍‌ର ମରାମତି ମଧ୍ୟ କରିପାରିବେ । (୩) ପ୍ରାର୍ଥୀ ଟ୍ରାକଟ୍‌ର ଟ୍ରଲି ଚଳାଇବା ଜାଣିଥିବେ (୪) ପ୍ରାର୍ଥୀ ଆଜ୍ଞାକାରୀ ହୋଇଥିବେ ଓ ଆବଶ୍ୟକ ପଡ଼ିଲେ ଅଧିକା କାମ କରିବାକୁ ପ୍ରସ୍ତୁତ ଥିବେ (୫) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତ ନାହିଁ (୬) ପ୍ରାର୍ଥୀଙ୍କୁ ଜନ୍ମ ପ୍ରମାଣପତ୍ର ଦେବା ଅନିବାର୍ଯ୍ୟ (୭) ସେହି ପ୍ରାର୍ଥୀଙ୍କୁ ଚୟନ କରାଯିବ ଯିଏ ପ୍ରାର୍ଥୀ ଚୟନ ବୋର୍ଡ଼ର ଇଂଟରଭ୍ୟୁରେ ଉତୀର୍ଣ୍ଣ ହେବେ (୮) ଏବଂ ଯିଏ ନୂର ହସ୍ପିଟାଲ୍ କାଦିଆନ୍ ଦ୍ୱାରା ପ୍ରଦତ ମେଡ଼ିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ବିବେଚିତ ହେବେ (୯) ଏହି ଡ୍ରାଇଭର ପଦବୀ ପାଇଁ ପ୍ରାର୍ଥୀଙ୍କୁ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ସମ ଆଲାଉନ୍ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ (୧୦) କାଦିଆନ୍ ଯାତାୟାତର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ (୧୧) ଯଦି ପ୍ରାର୍ଥୀଙ୍କର ଚୟନ ହୁଏ ତେବେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ପ୍ରାର୍ଥୀ ନିଜେ କରିବେ ।

***Note-*** ଏଥିପାଇଁ ଦରଖାସ୍ତ ଫର୍ମ ନଜାରତ୍ ଦିୱ୍ୱାନ୍ ସଦର ଅଞ୍ଜୁମନ ଅହମଦିୟା କାଦିଆନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସଠିକ୍ ଭାବେ ପୂରଣ ହୋଇ ହସ୍ତଗତ ହେଲେ ତା ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ।

*(ନାଜିର୍ ଦିୱ୍ୱାନ୍ କାଦିଆନ୍)*

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ**

**(Ph) 01872-501130 (Mob) 9877138347, 9646351280**

**email: diwan@qadian.in**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.5 Thursday 10 Sep 2020 Issue No. 37**

**MANAGER**
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

**୩୦ ସେପ୍ଟେମ୍ବର ୨୦୧୯ (ସୋମବାର)ବଳକାଅଂଶ**

**ନ୍ୟାସନାଲ ମଜ୍‌ଲିସ୍ ଆମେଲା ଯମାତ୍ ଅହେମଦୀୟା ହଲାଣ୍ଡର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହୋଇଥିବା ମିଟିଙ୍ଗର ବଳକାଅଂଶ**

ନ୍ୟାସନାଲ ସେକ୍ରେଟାରୀ ତବ୍‌ଲିଗ୍‌ଙ୍କୁ ହଜୁର ଅନଓ୍ୱର ଅ:ବ:ଅ ତବ୍‌ଲିଗ୍ ମନ୍‌ସୁବା ବନ୍ଦି (ତବ୍‌ଲିଗ୍ ଯୋଜନା) ଏବଂ ପ୍ରୋଗ୍ରାମଗୁଡ଼ିକ ସମ୍ବନ୍ଧରେ ପଚାରିବାରେ ସେକ୍ରେଟାରୀ ତବ୍‌ଲିଗ୍ କହିଲେ ଯେ, ଆମେ ନୂଆ ତବ୍‌ଲିଗ୍ ଯୋଜନା ବନାଇଛୁ । ଏବେ ହଜୁର ଅନଓ୍ୱର ଅ:ବ:ଅ ଯାହା ନିର୍ଦ୍ଦେଶ ଦେବେ ଆମେ ତାହାକୁ ମଧ୍ୟ ସେଥିରେ ସାମିଲ କରିବୁ । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ଜେନେରାଲ୍ ସେକ୍ରେଟାରୀ ସାହେବ ବତାଇଲେ ଯେ, ଏ ବର୍ଷ ଆମେ ଯେଉଁ ବୟତ ଦେଇଛୁ ତାହା ହେଉଛି ୭ଟି ଆମେ ପୂର୍ବତନ ୧୦୦ ବୟତର ଟାର୍ଗେଟକୁ ନିଜ ଆଖି ଆଗରେ ରଖିଛୁ । ହଜୁର ଅନଓ୍ୱର ଅ:ବ:ଅ ପୁଣି ପଚାରିଲେ କଣ ଏଠିକାର ସ୍ଥାନିୟ ଲୋକମାନେ ବୟତ କରିଛନ୍ତି କି ? ଏଥିରେ କୁହାଗଲା ଯେ, ସ୍ଥାନୀୟ ଲୋକମାନେ ମଧ୍ୟ ବୟତ କରିଛନ୍ତି । ଦୁଇଜଣ ଯୁବକ ଯେଉଁମାନେ ଜଲ୍‌ସା ସାଲାନାରେ ସାମିଲ ହୋଇଛନ୍ତି ଓ ଡ୍ୟୁଟି ମଧ୍ୟ ଦେଉଛନ୍ତି ।

ନ୍ୟାସନାଲା ସେକ୍ରେଟାରୀ ଜିୟାଫତ୍‌ଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, ଜଲ୍‌ସାରେ ଅତିଥିମାନଙ୍କର ଖାଇବାର ବ୍ୟବସ୍ଥା କାହା ଦାୟିତ୍ୱରେ ଥିଲା ? ଏଥିରେ ସେକ୍ରେଟାରୀ ଜିୟାଫତ୍ କହିଲେ ଯେ, ତାଙ୍କ ନିଜ ଦାୟିତ୍ୱରେ ହିଁ ଥିଲା । ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, ଆପଣଙ୍କ ଅନୁମାନଠାରୁ ବହୁତ ଅଧିକ ଅତିଥି ଆସିଥିଲେ । ୫୦୦୦ ରୁ ଅଧିକ ଅତିଥି ଆସିଛନ୍ତି, ସମସ୍ତଙ୍କ ପାଇଁ ଖାଇବା ବ୍ୟବସ୍ଥା ଠିକ୍‌ଠିକ୍ ହୋଇଯାଇଥିଲା ? ଏଥିରେ ସେକ୍ରେଟାରୀ ସାହେବ କହିଲେ ଆମେ ତ ପ୍ରସ୍ତୁତି କରିଦେଇଥିଲୁ ତେଣୁ ସବୁ ଅତିଥିମାନଙ୍କୁ ଖାଇବା ଯୋଗାଇ ଦିଆଗଲା । ଆଳୁ, ମାଂସ, ଡ଼ାଲି ଏବଂ ରୋଟି ବ୍ୟତିତ ଆମେ ଭାତ ମଧ୍ୟ ଯୋଗାଇ ଦେଇଥିଲୁ ।

ନ୍ୟାସନାଲ ସେକ୍ରେଟାରୀ ତାଲିମୁଲ୍ କୁର୍‌ଆନ୍ ଓ ୱକ୍‌ଫେ ଆର୍‌ଜି ନିଜର ରିପୋର୍ଟ ଉପସ୍ଥାପନ କରି ବତାଇଲେ ଯେ, ୱକ୍‌ଫେ ଆର୍‌ଜି ବିଭାଗରେ କୌଣସି ବିଶେଷ କାମ ହୋଇନାହିଁ ବହୁତ ଦୁର୍ବଳତା ରହିଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ପ୍ରଥମେ ନିଜ ଆମେଲାକୁ କୁହ ଯେ, ୱକ୍‌ଫେ ଆର୍‌ଜି ପାଇଁ ସମୟ ବାହାର କରନ୍ତୁ । ତା'ପରେ ପୁଣି ଖୁଦାମ୍, ଅନ୍‌ସାର୍ ଏବଂ ଲଜ୍‌ନାର ମଜ୍‌ଲିସ୍ ଆମେଲା ଅଛନ୍ତି, ସେମାନଙ୍କୁ କୁହନ୍ତୁ ଯେ, ତାଙ୍କ ଆମେଲାର ସଦସ୍ୟମାନେ ୱକ୍‌ଫେ ଆର୍‌ଜି କରନ୍ତୁ । ପୁଣି ଆପଣଙ୍କର ସ୍ଥାନିୟ ଯମାତ୍ ଗୁଡିକ ଅଛନ୍ତି ଓ ସେମାନଙ୍କର ମଜ୍‌ଲିସ୍ ଆମେଲା ଅଛନ୍ତି । ପୁଣି ତା'ପରେ ଜେଲି ତନ୍‌ଜିମ୍ ଗୁଡ଼ିକର ମଜ୍‌ଲିସ୍ ଆମେଲା ଅଛନ୍ତି । ଏହିଭଳି ବିଭିନ୍ନ ସ୍ତରର ସମସ୍ତ ମଜ୍‌ଲିସ୍ ଆମେଲାର ସଦସ୍ୟମାନେ ଆକ୍ଟିଭ୍ ହୋଇଯିବେ, ତେବେ ସବୁକିଛି ଠିକ୍ ହୋଇଯିବ । ୱକ୍‌ଫେ ଆରଜ୍ ପାଇଁ ଏହା ଜରୁରୀ ନୁହେଁ ଯେ, ସ୍ପେନ ପଠାଯାଉ ବରଂ ହଲାଣ୍ଡରେ ମଧ୍ୟ ୱକ୍‌ଫେ ଆରଜ୍ କରିପାରିବେ । ପିଲାମାନଙ୍କୁ ପବିତ୍ର କୁର୍‌ଆନ୍ ପଢ଼ାଇବାର କ୍ଲାସ୍ ଧର୍ମଜ୍ଞାନ ଦେବାର କ୍ଲାସ୍ ଇତ୍ୟାଦି ନିଅନ୍ତୁ । ନିଜ ଆମେଲାଠାରୁ ରିପୋର୍ଟ ନେଇ ମୋ ନିକଟକୁ ପଠାନ୍ତୁ ଯେ, ଆମେଲାର ସଦସ୍ୟମାନଙ୍କ ମଧ୍ୟରୁ କେତେଜଣ ସଦସ୍ୟ ନିଜକୁ ୧୫ ଦିନ ପାଇଁ ୱକ୍‌ଫେ ଆର୍‌ଜି ନିମନ୍ତେ ପେଶ୍ କରିଛନ୍ତି । ଯଦି ଆପଣ ସମସ୍ତ ମଜ୍‌ଲିସ୍ ଆମେଲାରୁ ୭୫ ପ୍ରତିଶତ ଲକ୍ଷ୍ୟ ଧାର୍ଯ୍ୟ କରନ୍ତୁ ତେବେ ୱକ୍‌ଫେ ଆର୍‌ଜି ପାଇଁ ତ ଆପଣ ୭୫ ପ୍ରତିଶତକୁ ସାମିଲ କରାଇନେଲେ । ଏହିପରି କାମ ଆରମ୍ଭ କରିଦିଅନ୍ତୁ ।

ନ୍ୟାସନାଲ ସେକ୍ରେଟାରୀ ତହ୍‌ରିକ୍ ଜଦିଦ୍‌ଙ୍କୁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ପଚାରିବାରେ ସେ ବତାଇଲେ ଯେ, ଆମର ଚାନ୍ଦା ବ୍ୟବସ୍ଥା ସୁଧୁରି ଚାଲିଛି, ଆମେ ସେଥିଯୋଗୁଁ ଯମାତ୍ ଗୁଡ଼ିକୁ ଗସ୍ତ ମଧ୍ୟ କରୁଅଛୁ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, କଣ ଆପଣମାନେ ସେକ୍ରେଟାରି ମାଲ୍ ସାହେବମାନଙ୍କ ସହିତ ବସି ଚାନ୍ଦାର ସ୍ତର ଏବଂ ଚାନ୍ଦା ପ୍ରଦାନକାରୀ ସଦସ୍ୟମାନଙ୍କର ଅବସ୍ଥାର ସୁଚନା ନେଇପାରିବେ ଏବଂ ପୁଣି ଟାର୍ଗେଟ ଦିଆଯାଇପାରେ । ଅଧିକ ଚାପ ପକାନ୍ତୁ ନାହିଁ ଏବଂ ଏହା ମଧ୍ୟ ଦେଖନ୍ତୁ ଯେ, ବିଲ୍‌କୁଲ୍ ଢ଼ିଲା ମଧ୍ୟ ନ ହୋଇଯାଆନ୍ତୁ ।

ନ୍ୟାସନାଲ ସେକ୍ରେଟାରୀ ୱକ୍‌ଫେ ଜଦିଦ୍‌ଙ୍କୁ ହଜୁର ଅନଓ୍ୱର ଅ:ବ:ଅ ଅତ୍‌ଫଲ୍ ପିଲାମାନଙ୍କର ଚାନ୍ଦା ସମ୍ପର୍କରେ ନିର୍ଦ୍ଦେଶ ଦେଲେ ଯେ, ଅତ୍‌ଫଲ୍ ମାନଙ୍କର ଚାନ୍ଦା ଆଦାୟ କରିବାର କାର୍ଯ୍ୟ ସେହି ଅତ୍‌ଫଲ୍‌ମାନଙ୍କ କାମରେ ଲଗାନ୍ତୁ । ଗୋଟିଏ ଚାନ୍ଦା ତ ସେମାନଙ୍କ ଦାୟିତ୍ୱରେ ଦିଅନ୍ତୁ । ଖୁଦାମଙ୍କୁ ଏ ଟାର୍ଗେଟ ଦିଅନ୍ତୁ ଯେ, ଅତ୍‌ଫଲ୍ ର ସଦସ୍ୟ ହେଉଛନ୍ତି ଏତେ ତେଣୁ ଏତିକି ଟାର୍ଗେଟ ଦିଆଯାଇଛି । ଗୋଟିଏ ବର୍ଗରର ଦାମ୍ କେତେ, ଅତିକମ୍‌ରେ ଏତିକି ଟାର୍ଗେଟ ତ ରହୁ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ଏହା କୁହାଗଲା ଯେ, ଏଥିରେ ଏହା ବୁଝାଯାଏ ଯେ, ସାତ ରୁ ବାରବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କଠାରୁ ୱକ୍‌ଫେ ଜିନ୍ଦଗି ଚାନ୍ଦା ନିଆଯାଉ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହା ଠିକ୍ ନୁହେଁ । ବାରବର୍ଷ ପର୍ଯ୍ୟନ୍ତ ନୁହେଁ ବରଂ ସାତ ରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ ଅତ୍‌ଫଲ୍ ଥାଆନ୍ତୁ । ଅତାର୍ଥ ଅତ୍‌ଫାଲ୍ ମାନଙ୍କର ବୟସ ପନ୍ଦର ବର୍ଷ ପର୍ଯ୍ୟନ୍ତ ରହିଛି ।

ନ୍ୟାସନାଲ୍ ସେକ୍ରେଟାରୀ ତର୍‌ବିୟତକୁ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଏବେ ତ ଆପଣଙ୍କ ନିକଟରେ ୪ଟି ମସ୍‌ଜିଦ୍ ଅଛି । ଫଜର୍ ଏବଂ ମଗ୍‌ରିବ୍ ଓ ଇସା ରେ କେତେ ଲୋକ ଆସୁଛନ୍ତି । ଏଥିରେ ସେକ୍ରେଟାରୀ ତର୍‌ବିୟତ କହିଲେ ଯେ, ଏହି ମସ୍‌ଜିଦ୍ ଗୁଡ଼ିକ ବ୍ୟତିତ ଆମ ନିକଟରେ ବିଭିନ୍ନ ଯମାତ୍ ଗୁଡ଼ିକରେ ୩୦ଗୋଟି ନମାଜ ସେଂଟର ଅଛି ଯାହାକୁ ଆମେ ଘରମାନଙ୍କରେ ବନାଇଛୁ ବା ସ୍ଥାପନ କରିଛୁ । ୭୦ ପ୍ରତିଶତ ଲୋକେ ପାଂଚବେଳା ନମାଜ ପାଠ କରୁଛନ୍ତି । ସେଥିମଧ୍ୟରୁ ୬୬ ପ୍ରତିଶତ ବାଯମାତ୍ ପାଠ କରୁଛନ୍ତି । ୫୦ ପ୍ରତିଶତ ଲୋକେ ସେଂଟରରେ ଯାଇ ନମାଜ ପଢୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ପାକିସ୍ତାନରୁ ଆସିଥିବା ମୁରବୀ ସିଲ୍‌ସିଲା ଅଦିଲ୍ ବାସିମ୍ ସାହେବଙ୍କ ସମ୍ବନ୍ଧରେ ପଚାରି ବୁଝିଲେ ଯେ, ସେ କେଉଁଠାରେ ରହୁଛନ୍ତି । ଏଥିରେ କୁହାଗଲା ଯେ, ସେ Arnhem ଠାରେ ରହୁଛନ୍ତି ଓ ସେଠାରେ ଯମାତ୍ ଦୁଇଗୋଟି ସେଂଟର ସ୍ଥାପନ କରିଛି ଓ ସେ ଅଦଳବଦଳ କରି ଦୁଇଟିଯାକ ସେଂଟରକୁ ଯାଉଛନ୍ତି ଓ ନମାଜ ମଧ୍ୟ ପଢ଼ାଉଛନ୍ତି ।

ସ୍ଥାନୀୟ ରୂପେ ଖୁତ୍‌ବା ଜୁମା ସନ୍ଦର୍ଭରେ ହଜୁର ଅନଓ୍ୱର ଅ:ବ:ଅ ମୁବ୍‌ଲିଗ୍ ଇନ୍‌ଚାର୍ଜ ସାହେବଙ୍କୁ ପଚାରିଲେ ଯେ, କେବେ ଆରମ୍ଭ କରାଯାଉଛି ଓ କେବେ ଶେଷ କରୁଛ, ଏଥିରେ ମୁବ୍‌ଲିଗ୍ ସାହେବ କହିଲେ ଯେ, ଯମାତ୍ ଗୁଡ଼ିକରେ ଖୁତ୍‌ବା ଜୁମା ପାଖାପାଖି ଦିନ ୧:୩୦ରେ ଆରମ୍ଭ କରାଯାଉଅଛି । ଦଶ ପନ୍ଦର ମିନିଟର ଖୁତ୍‌ବା କରାଯାଉଅଛି । ଦିନ ଦୁଇଟା ପୂର୍ବରୁ ନମାଜ ଜୁମା ଇତ୍ୟାଦି ଶେଷ ହୋଇଯାଉଅଛି । ତା'ପରେ ପୁଣି ହଜୁର ଅନଓ୍ୱର ଅ:ବ:ଅଙ୍କର ଖୁତ୍‌ବାକୁ ଲାଇଭ୍ ଶୁଣାଯାଉଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆପଣମାନେ ଯେଉଁଠି ନିଜ ଖୁତ୍‌ବାରେ ଗତ ଖୁତ୍‌ବାର ସାରାଂଶ ବର୍ଣ୍ଣନା କରୁଛନ୍ତି ସେଠାରେ ଆବଶ୍ୟକ ଅନୁସାରେ ଏଠିକାର ସ୍ଥାନିୟ ସମସ୍ୟାଗୁଡ଼ିକ ମଧ୍ୟ ବର୍ଣ୍ଣନା କରିଦିଅନ୍ତୁ । ବିଶେଷରୂପେ ନମାଜଗୁଡ଼ିକ ପାଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରାନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ ଇସ୍‌ଲାହି କମିଟିର ସ୍ଥାପନ ସନ୍ଦର୍ଭରେ ପଚାରି ବୁଝିଲେ ଯେ, କଣ ଆପଣମାନଙ୍କୁ ଜଣାଅଛି କି ଏହାର ଅର୍ଥ କଣ ? କଣ ଏହା ସ୍ଥାନିୟ ଯମାତ୍‌ରେ ମଧ୍ୟ ପ୍ରତିଷ୍ଠା କରାଯାଇଅଛି । ଯେଉଁ ଯମାତ୍‌ଗୁଡ଼ିକରେ ପ୍ରତିଷ୍ଠା ହୋଇନାହିଁ । ସେଠାରେ ଏହାକୁ ପ୍ରତିଷ୍ଠା କରନ୍ତୁ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହାର ଅର୍ଥ ହେଉଛି ସମସ୍ୟାଗୁଡ଼ିକ ଉପୁଜିବା ପୂର୍ବରୁ ସେଥିପ୍ରତି ସତର୍କ ରୁହନ୍ତୁ । ଇସ୍‌ଲାହିକ୍ କମିଟିର କାମ ହେଉଛି ସମସ୍ୟା ଉପୁଜିବା ପୂର୍ବରୁ ଓ ମାମଲା ଅଧିକ ବଢ଼ିଯିବା ପୂର୍ବରୁ ସେଥିପ୍ରତି ନଜର ରଖିବା ଓ ପ୍ରାରମ୍ଭରୁ ହିଁ ଇସ୍‌ଲାହି କାର୍ଯ୍ୟ (ସୁଧାର ମୁଳକ କାର୍ଯ୍ୟ) କରନ୍ତୁ ।

ନ୍ୟାସନାଲ ସେକ୍ରେଟାରୀ ତର୍‌ବିୟତ୍ ଚେୟାରମ୍ୟାନ ଇସ୍‌ଲାହିକ୍ କମିଟି କହିଲେ, ନ୍ୟାସନାଲ କମିଟି ବ୍ୟତିତ କେତେକ ବଡ଼ ବଡ଼ ଯମାତ୍ ଗୁଡ଼ିକରେ ଏହି କମିଟି ଗୁଡ଼ିକ ସ୍ଥାପନ କରାଯାଇଅଛି । କେତେକ ମାମଲା ଇସ୍‌ଲାହିକ୍ କମିଟି ନିକଟକୁ ଆସୁଛି କିଛି ମାମଲା ଏପରି ଥାଏ ଯାହା ବଢ଼ିଯାଇଥାଏ ଏବଂ ତାହା କଜା ନିକଟକୁ ଚାଲିଯାଇଥାଏ । ଏହି ଅବସରରେ ସେକ୍ରେଟାରୀ ଉମ୍‌ରେ ଆମା ବତାଇଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଦ୍ୱାରା ପ୍ରଦତ ଜଲ୍‌ସା ସାଲାନା ଜର୍ମାନୀ ଅବସରରେ ଭାଷଣଗୁଡିକ ଶୁଣି ଗୋଟିଏ ଦମ୍ପତି ଫେରିଯିବାର ନିଷ୍ପତି କରିନେଲେ । ଏହି ଦୁଇଜଣ ଯାକ ସମ୍ପୁର୍ଣ୍ଣରୂପେ ଅଲଗା ହୋଇଯିବା ପରସ୍ଥିତିରେ ଥିଲେ । ସେଠାରୁ ସେମାନେ ଲେଉଟିଗଲେ ଓ ପୁଣି ଆପୋଷରେ ବୁଝାମଣା କରିନେଲେ ଓ ନିଜ ନିଜର ଜିଦିକୁ ଶେଷ କରିଦେଲେ ।

ନ୍ୟାସନାଲ ସେକ୍ରେଟାରୀ ଉମୁରେ ଖାରିଜାଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, ଅଲ୍‌ମେରେ ସହରରେ ମସ୍‌ଜିଦ୍‌ର ଉଦ୍‌ଘାଟନି ଉତ୍ସବରେ କେତେଜଣ ଅତିଥି

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**